بِسْمِ اللّٰهِ الرَّحْمٰنِ الرَّحِيْمِ   نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ   وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: 9

ସମ୍ପାଦକ:
କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର
Weekly BADAR Qadian କାଦିଆନ
Odia

ସଂଖ୍ୟା: 18
ବାର୍ଷିକ ଦେୟ : 600/-

www.akhbarbadr.in
22 ଶୱାଲ୍ 1445 ହି.କ, 2 ହିଜ୍ରତ୍ 1403 ହି.ଶ, 2 May-2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

اِنَّ اللّٰهَ لَهٗ مُلْكُ السَّمٰوٰتِ وَالْاَرْضِ يُحْيٖ وَيُمِيْتُ وَمَا لَكُمْ مِّنْ دُوْنِ اللّٰهِ مِنْ وَّلِيٍّ وَّلَا نَصِيْرٍ

(ଅତ୍ ତୌବା-116)

**ଅନୁବାଦ :** ବାସ୍ତବରେ ଆକାଶ ଓ ପୃଥିବୀର ରାଜତ୍ୱ ଅଲ୍ଲାଃଙ୍କର ଅଟେ । ସେ ଜୀବନ ଦାନ କରନ୍ତି ଏବଂ ପ୍ରାଣ ନାଶ କରନ୍ତି, ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ବନ୍ଧୁ ନାହାନ୍ତି କି କୌଣସି ସାହାଯ୍ୟ-କାରୀ ନାହାନ୍ତି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ ସ.ଅଙ୍କ ବାଣୀ

**କୌଣସି ପ୍ରତିବେଶୀନୀ ଅନ୍ୟ ପ୍ରତିବେଶୀନୀର (ବସ୍ତୁ)କୁ ତୁଚ୍ଛ ବୋଲି ମନେ ନକରୁ:**

**(2566)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ହେ ମୁସଲମାନ ମହିଳାମାନେ! ତୁମେମାନେ ଧ୍ୟାନପୂର୍ବକ ଶୁଣ କୌଣସି ପ୍ରତିବେଶୀନୀ (ପଡ଼ୋଶୀ ମହିଳା) ଅନ୍ୟ ପ୍ରତିବେଶୀନି ପକ୍ଷରୁ ପ୍ରେରିତ ବସ୍ତୁ ଅର୍ଥାତ୍ ଛେଳୀର ଖୁରକୁ ତୁଚ୍ଛ ଏବଂ ହେୟ ବୋଲି ମନେ ନକରୁ ।

**ବେଳେବେଳେ ଆଁହଜରତ ସ.ଅଙ୍କ ଘରେ ମାସ ମାସ ଧରି ଚୁଲି ଜଳି ନଥିଲା:**

**(2567)** ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଉର୍ୱାହଙ୍କୁ କହିଲେ, ହେ ମୋର ଭଉଣୀ ପୁତ୍ର (ଭଣଜା)! ଅତୀତରେ ଆମର ଏହି ଅବସ୍ଥା ମଧ୍ୟ ଥିଲା ଯେ, ଆମେମାନେ ଗୋଟିଏ ଚନ୍ଦ୍ର ଦେଖୁଥିଲୁ, ପୁନଶ୍ଚ ଦ୍ୱିତୀୟ ଚନ୍ଦ୍ର ଦେଖୁଥିଲୁ, ପୁନଶ୍ଚ ତୃତୀୟ ଚନ୍ଦ୍ର ଦେଖୁଥିଲୁ । ଏହିପରି ଦୁଇ ମାସ ବିତି ଯାଉଥିଲା ଓ ରସୁଲ୍ କରୀମ୍ ସ.ଅଙ୍କ ଘରେ ନିଆଁ ଚୁଲି ଜଳୁ ନଥିଲା । ମୁଁ କହିଲି, ହେ ଖାଲା (ମାଇଁ) ! ଆପଣ ର.ଅ କ'ଣ ଖାଇ ନିଜର କାଳାତିପାତ କରୁଥିଲେ ? ସେ (ହ. ଆଏଶା ର.ଅ) କହିଲେ, ଦୁଇଟି କୃଷ୍ଣକାୟ ବସ୍ତୁ: ଖଜୁରୀ ଓ ଜଳ । କିନ୍ତୁ ଆଁହଜରତ ସ.ଅଙ୍କର କେତେକ ଅନ୍‌ସାରୀ ପଡ଼ୋଶୀମାନେ ଥିଲେ । ସେମାନଙ୍କର କ୍ଷୀର ଦେଉଥିବା ଛେଳୀମାନେ ରହିଥିଲେ । ସେହି ଅନ୍‌ସାରୀମାନେ ଆଁହଜରତ ସ.ଅଙ୍କୁ ଉପହାର ସ୍ୱରୂପ ଛେଳୀ କ୍ଷୀର ପ୍ରେରଣ କରୁଥିଲେ ଏବଂ ଆପଣ ସ.ଅ ଆମମାନଙ୍କୁ ମଧ୍ୟ ତାହା ପାନ କରାଉଥିଲେ । **(ସହୀ ବୁଖାରୀ, କିତାବୁଲ୍ ହିବା, ଭାଗ-4, ପ୍ରକାଶନ ସ୍ଥାନ- କାଦିଆନ୍-2008 ମସିହା)**

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### କୁଧାରଣା ଅତ୍ୟନ୍ତ ଖରାପ ପ୍ରସଙ୍ଗ ଅଟେ, ଏହା ମନୁଷ୍ୟକୁ ପୁଣ୍ୟରୁ ବଞ୍ଚିତ କରି ଦେଇଥାଏ । କ୍ରମଶଃ ବୃଦ୍ଧି ପାଇଁ ମନୁଷ୍ୟ ଈଶ୍ୱରଙ୍କ ଉପରେ ମଧ୍ୟ କୁଧାରଣା ବ୍ୟକ୍ତ କରିବା ଆରମ୍ଭ କରି ଦେଇଥାଏ

**ଜମାଅତକୁ ଉପଦେଶ:**

ଯେପରିକି ବୈଦ୍ୟ ନିମନ୍ତେ ଏହା ଆବଶ୍ୟକ ଯେ, ସେ ସଠିକ୍ ରୋଗ ନିରୂପଣ କରି ନିଦାନ କରିବ, ଠିକ୍ ସେହିପରି ଉପଦେଶର ମର୍ଯ୍ୟାଦା ରହିଛି ଅର୍ଥାତ୍ ଉପଦେଶ ଏବଂ ଆଶୀର୍ବଚନ ଦ୍ୱାରା ପ୍ରଥମେ ଲୋକମାନଙ୍କର ରୋଗକୁ ଦୃଷ୍ଟିରେ ରଖି ଯହିଁରେ ସେମାନେ ପିଡ଼ୀତ ଅଟନ୍ତି । କିନ୍ତୁ ସମସ୍ୟା ଏହିକି ଯେ, ଏହି ବୌଦ୍ଧିକତା ଏବଂ ଏହି ତତ୍ତ୍ୱଦର୍ଶିତା, ସତ୍ୟ ବଚନ ଅନ୍ୟକୁ ଖୁବ୍ କମ୍ ପ୍ରାପ୍ତ ହୋଇଥାଏ ଏବଂ ସେହି କାରଣ ହେତୁ ଦେଶରେ ବିଶେଷତଃ ଶତାଧିକ ଉପଦେଶକାରୀ ବ୍ୟକ୍ତିମାନେ ବୁଲୁଛନ୍ତି। କିନ୍ତୁ ବ୍ୟବହାରିକ ଅବସ୍ଥା ଦିନକୁ ଦିନ ଅବନତି ଆଡ଼କୁ ଗତି କରିଥାଏ । ପ୍ରତ୍ୟେକ ପ୍ରକାରର ଆସ୍ଥାଭିତ୍ତିକ, ବିଶ୍ୱାସଜନିତ, ଚାରିତ୍ରିକ ଦୋଷ ଦୁର୍ବଳତା ନିଜର ପ୍ରଭାବ ପକାଇଥାଏ । ଏହା ଏଇଥି ପାଇଁ ଯେ, ଉପଦେଶରେ ସତ୍ୟତା ନାହିଁ ଏବଂ ସତ୍ୟତାର ପ୍ରକୃତ ଆତ୍ମା ବିଦ୍ୟମାନ ନାହିଁ । ଏହି ସମସ୍ତ ପ୍ରସଙ୍ଗ ରହିଛି ।

କିନ୍ତୁ ମୁଁ ବର୍ତ୍ତମାନ ନିଜର ସାଙ୍ଗମାନଙ୍କୁ ଏହା କହିବାକୁ ଚାହୁଁଛି ଯେ, ସେମାନେ ଅଲ୍ଲାଃତାଲାଙ୍କ କୃପାରୁ ନିଜ ହୃଦୟରେ ସତ୍ୟାନ୍ୱେଷୀର ତୃଷ୍ଣାକୁ ଅନୁଭବ କରିଛନ୍ତି ସେମାନେ ସତ୍ୟତା, ସତ୍‌ମାର୍ଗତା ପ୍ରାପ୍ତ କରିବା ନିମନ୍ତେ କୁଣ୍ଠାବୋଧ ପ୍ରକାଶ କରନ୍ତି ନାହିଁ । ଅର୍ଥାତ୍ ଉପଦେଶକ ବିଭିନ୍ନ ଛଳରେ ଏବଂ ବିଭିନ୍ନ ଶୈଳୀରେ ନିଜର ପ୍ରଶ୍ନ ଉପସ୍ଥାପିତ କରୁ । କିନ୍ତୁ ତୁମମାନଙ୍କ ପକ୍ଷେ ଏହା ଅନୁଚିତ୍ ଯେ, ତୁମେମାନେ ସେହି ଗୋଟିଏ କାରଣ ହେତୁ ପ୍ରକୃତ ବ୍ରହ୍ମଜ୍ଞାନକୁ ପରିତ୍ୟାଗ କରିଦିଅ । କାରଣ ଯେଉଁ ଉପଦେଶକାରୀ ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନକୁ ଶୁଣି ସେମାନଙ୍କୁ ତାଚ୍ଛଲ୍ୟ ଦୃଷ୍ଟିରେ ଦେଖିଥାଏ ତେବେ ସେ (ଉପଦେଶକାରୀ) ମଧ୍ୟ ତ୍ରୁଟି କରିଥାଏ ।

କ'ଣ କୌଣସି ମୁକ୍ତା ଏବଂ ଦୁର୍ଲଭ ରତ୍ନ ମାଣିକ୍ୟକୁ କେବଳ ଏଇଥି ପାଇଁ ଫିଙ୍ଗି ଦିଆଯାଇ ପାରିବ ଯେ, ତାହା ଦୁର୍ଗନ୍ଧଯୁକ୍ତ ଏବଂ ଅପରିଷ୍କାର, ଅପରିଚ୍ଛନ୍ନ କପଡ଼ାରେ ବନ୍ଧା ହୋଇଛି ? କଦାପି ନୁହଁ । ଏତଦ୍‌ଭିନ୍ନ ଯେତେବେଳେ ଭିକ୍ଷୁକ କୌଣସି ବ୍ୟକ୍ତିକୁ ଭିକ୍ଷା ମାଗେ ସେତେବେଳ କ'ଣ ତୁମକୁ ଏହା ଜଣା ନାହିଁ ଯେ, ତୁମକୁ ଏହି ଆଦେଶ ଦିଆଯାଇଛି ଯେ, وَاَمَّا السَّآئِلَ فَلَا تَنْهَرْ **(ଅଜ୍ ଜୁହା: 4)** ଏବଂ ଭିକ୍ଷୁକକୁ ତୁମେ ଭର୍ତ୍ସନା କର ନାହିଁ । ଉପରୋକ୍ତ ଆୟତ୍‌ର କହିବାର ତାତ୍ପର୍ଯ୍ୟ ଏହିକି ଯେ, ଭିକ୍ଷୁକ ଯଦି ଅଶ୍ୱ ଉପରେ ଆରୋହଣ ହୋଇ ତୁମ ଦୁଆରକୁ ଭିକ୍ଷା ମାଗିବାକୁ ଆସେ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ତାହାକୁ ଭର୍ତ୍ସନା କର ନାହିଁ ଏବଂ ତା'ର ଗୁହାରିକୁ ପ୍ରତ୍ୟାଖ୍ୟାନ କରିଦିଅ ନାହିଁ । ହଁ ପ୍ରଭୁ ସେହି ଭିକ୍ଷୁକକୁ ମଧ୍ୟ ଆଦେଶ ଦେଇଛନ୍ତି ଯେ, ଭିକ୍ଷାଟନ ନକରୁ ଅର୍ଥାତ୍ ଭିକ୍ଷା ନମାଗୁ । ସେ ଉପରୋକ୍ତ ଆୟତ୍‌ର ବିରୁଦ୍ଧାଚରଣ କରି ସ୍ୱୟଂ ଶାସ୍ତି ପାଇବ । କିନ୍ତୁ ତୁମମାନଙ୍କ ପକ୍ଷେ ଏହା ଉଚିତ୍ ନୁହଁ ଯେ, ତୁମେମାନେ ପ୍ରଭୁଙ୍କ ସମ୍ମାନସ୍ୱଦ ଆଦେଶାବଳୀର ଅବମାନନା କର ।

ଅତଏବ୍ ନିଜ ପାଖରେ କିଛି ବସ୍ତୁ କିମ୍ବା ଅର୍ଥ ରହିଛି ତେବେ ଭିକ୍ଷୁକକୁ କିଛି ନା କିଛି ଦେଇ ଦେବା ଉଚିତ୍ । ଯଦି ତୁମ ପାଖରେ ଦେବା ନିମନ୍ତେ କିଛି ନାହିଁ ତାହାହେଲେ ତୁମେମାନେ ବିନମ୍ରତାପୂର୍ବକ୍ ଶବ୍ଦରେ ଭିକ୍ଷୁକକୁ ବୁଝାଇ ଦିଅ ଯେ, ଆମ ପାଖରେ କିଛି ନାହିଁ ।

**କୁଧାରାଣା:**

ମନୁଷ୍ୟ ଯେତେବେଳେ କୁଧାରଣା, ସନ୍ଦେହ ତଥା ସଂଶୟକୁ ବିନିଯୋଗ କରିବାକୁ ଆରମ୍ଭ କରିଦିଏ ସେତେବେଳେ ଏଥିଯୋଗୁଁ ସମସ୍ୟା ଏବଂ ଉପଦ୍ରବ ସୃଷ୍ଟି ହୋଇଥାଏ । ମନୁଷ୍ୟ ଯଦି ଅନ୍ୟ ପ୍ରତି ସୁଧାରଣା ମନ ଭିତରେ ପୋଷଣ କରେ ତେବେ କିଛି ନା କିଛି ଦେବା ନିମନ୍ତେ ସାମର୍ଥ୍ୟ ମଧ୍ୟ ପ୍ରାପ୍ତ ହୋଇଯାଇଥାଏ । ଯେତେବେଳେ ବ୍ୟକ୍ତି ପ୍ରଥମ ପାହାଚରେ (ପ୍ରାରମ୍ଭରେ) ଦୋଷ କଲା ସେତେବେଳେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଷ୍ଟକର ହୋଇ ଯାଇଥାଏ । ଅତଏବ୍ କୁଧାରଣା ଅତ୍ୟନ୍ତ ଖରାପ ବସ୍ତୁ ବା ଖରାପ ପ୍ରସଙ୍ଗ ଅଟେ । କୁଧାରଣା ମନୁଷ୍ୟକୁ ପୁଣ୍ୟ କର୍ମରୁ ବଞ୍ଚିତ କରି ଦେଇଥାଏ । ଏହା କ୍ରମଶଃ ବୃଦ୍ଧି ପାଇ ଈଶ୍ୱରଙ୍କ ଉପରେ କୁଧାରଣା ଏବଂ ସନ୍ଦେହ ପ୍ରକାଶ କରିବାକୁ ମନୁଷ୍ୟ ଆରମ୍ଭ କରିଦେଇଥାଏ ।

ଯଦି କୁଧାରଣାର ରୋଗ ବୃଦ୍ଧି ପାଇ ନଥାଆନ୍ତା ତାହାହେଲେ କୁହ ସେହି ମୌଲବୀମାନଙ୍କୁ ଯେଉଁମାନେ ମୋର ପ୍ରତ୍ୟାଖ୍ୟାନ ଏବଂ ମୋତେ କଷ୍ଟ ଦେବାରେ କୌଣସି ମୁହୂର୍ତ୍ତକୁ ହାତ ଛଡ଼ା କରି ନାହାନ୍ତି । ସେମାନଙ୍କୁ ମୋର ପ୍ରତ୍ୟାଖ୍ୟାନ ଏବଂ ମୋ ପ୍ରତି ଅବଜ୍ଞା ପ୍ରଦର୍ଶନ କରିବାରେ କେଉଁ କାରଣମାନ ଦୃଶ୍ୟମାନ ହୋଇଥିଲା କେ ଜାଣି ? ମୁଁ ଚିତ୍କାର କରି ଏବଂ ପ୍ରଭୁଙ୍କ ଶପଥ କରି କହିଲି ଯେ, ମୁଁ ମୁସଲମାନ ଅଟେ । ମୁଁ ପବିତ୍ର କୁରଆନ୍ କରୀମ୍‌କୁ ଖାତମୁଲ୍ କୁତୁବ୍ (ଚୂଡ଼ାନ୍ତ ଗ୍ରନ୍ଥ), ରସୁଲୁଲ୍ଲାଃ ସ.ଅଙ୍କୁ ଖତମୁଲ୍ ଅମ୍ବିୟା (ନବୀ ଶ୍ରେଷ୍ଠ ତଥା ନବୀ ଶିରୋମଣି) ବୋଲି ସ୍ୱୀକାର କରୁଛି ଏବଂ ଇସଲାମ୍ ଧର୍ମକୁ ଜୀବନ୍ତ ଧର୍ମ ଏବଂ ମୋକ୍ଷର ପ୍ରକୃତ ମାଧ୍ୟମ ବୋଲି ବିବେଚିତ

କରୁଛି । ଅଲ୍ଲାଃତାଲାଙ୍କ ସର୍ବ ଶକ୍ତିମାନ ହେବା ଏବଂ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖୁଛି । ସେହି କିବ୍‌ଲା ଅର୍ଥାତ ଖାନା କାଆବା ଆଡ଼କୁ ମୁହଁ କରି ନମାଜ ପାଠ କରୁଛି । ପୁନଶ୍ଚ ତହିଁରେ ନୂଆ କଥା କ'ଣ ଥିଲା ଯେ, ସେମାନେ ମୋତେ ପ୍ରତ୍ୟାଖ୍ୟାନ କରିବାକୁ ଆବଶ୍ୟକ ବୋଲି ମନେକଲେ । ଏହା ସ୍ୱଷ୍ଟ ଅନ୍ୟାୟ ଏବଂ ଅବିଚାର ଅଟେ । ସେମାନେ ନିଜର କୁକର୍ମ ଏବଂ ଜୀବନକୁ ଅବଲୋକନ କରୁ ନାହାନ୍ତି । ସେମାନେ ଆକାଶ ଏବଂ ପାତାଳ ଉପରେ ଧ୍ୟାନ ତଥା ଚିନ୍ତା କରି ଏହା ଭାବୁ ନାହାନ୍ତି ଯେ, ଏହି ସୃଷ୍ଟି ଏବଂ ଜୀବ ଜଗତର ଜଣେ ସ୍ରଷ୍ଟା ଅଛନ୍ତି । ମୌଲବୀମାନେ ଲେଖରାମର ନିଦର୍ଶନରୁ କ'ଣଟା ଉପକୃତ ହେଲେ। **(ମଲ୍‌ଫୁଜାତ୍, ଭାଗ-1 ପୃ-507, ପ୍ରକାଶନ ସ୍ଥାନ- କାଦିଆନ୍, 2008 ମସିହା)**

☆--☆--☆

## ବୈକୁଣ୍ଠବାସୀମାନଙ୍କୁ ସ୍ୱର୍ଣ୍ଣ, ମୁକ୍ତା ଖଚିତ କଙ୍କଣ ଏବଂ ରେଶମ ବସ୍ତ୍ର ପରିଧାନ କରାଯିବାର ସଠିକ୍ ଅର୍ଥ ।

**ସ୍ୱର୍ଗପୁର କେବଳ କର୍ମହୀନ, କର୍ମକୁଣ୍ଠ ହୋଇ ବସିବା ସ୍ଥଳୀ ନୁହେଁ । ବରଂ କାର୍ଯ୍ୟାନୁସରଣ ସ୍ଥଳୀ ଏବଂ କର୍ମ କରିବା ପ୍ରସଙ୍ଗ ଅଟେ । କାରଣ ଏହି ମର୍ତ୍ତ୍ୟମଣ୍ଡଳରେ ମନୁଷ୍ୟ ଦ୍ୱାରା ପାପ କର୍ମ ମଧ୍ୟ ସମ୍ପାଦିତ ହୋଇଯାଇଥାଏ । କିନ୍ତୁ ସେଠାରେ କୌଣସି କୁକାର୍ଯ୍ୟ ବା କୁକର୍ମ ସମ୍ପାଦିତ ହେବ ନାହିଁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହଜ୍‌ର ଆୟତ୍ ସଂଖ୍ୟା 24, 25ର ବ୍ୟାଖ୍ୟା କରି କୁହନ୍ତି: ତହିଁରୁ ଏହା ଯଥାର୍ଥ ନୁହେଁ ଯେ, ବସ୍ତୁବାଦୀ ସ୍ୱର୍ଣ୍ଣ କଙ୍କଣ ସେମାନଙ୍କୁ (ବୈକୁଣ୍ଠବାସୀଙ୍କୁ) ପିନ୍ଧାଯିବ। ବସ୍ତୁବାଦୀ ସ୍ୱର୍ଣ୍ଣ ତ' ଏକ ତୁଚ୍ଛ ବସ୍ତୁ ଅଟେ ଯାହାକୁ ଉକ୍ତ ସଂସାରରେ ମଧ୍ୟ ବିଶ୍ୱାସକାରୀ ଫିଙ୍ଗି ଦେଇଥାଏ। ତେଣୁ ପରକାଳରେ ତା'କୁ କ'ଣ ବା ଆନନ୍ଦ ପ୍ରାପ୍ତ ହେବ । ଅତଏବ୍ ଏହା ଏକ ରୂପକାତ୍ମକ ଭାଷା ଅଟେ। କଙ୍କଣରୁ ଯଥାର୍ଥ ସୌନ୍ଦର୍ଯ୍ୟ ସାଧନ ଅଟେ ଏବଂ ସ୍ୱର୍ଣ୍ଣରୁ ଯଥାର୍ଥ ଯେପରି ସ୍ୱର୍ଣ୍ଣ ଶୀଘ୍ର ନଷ୍ଟ ହୁଏ ନାହିଁ, ସ୍ୱର୍ଣ୍ଣରେ କଳଙ୍କି ଲାଗେ ନାହିଁ । ମୁକ୍ତାରୁ ଯଥାର୍ଥ ସେହି ବସ୍ତୁ ଅଟେ ଯାହାକି ମନୁଷ୍ୟ ସ୍ୱଭାବର ଏକ ନୂତନ ଚମକ, ଔଜଲ୍ୟତା ଏବଂ କୋମଳ ତଥା ଔଚିତ୍ୟତା ସୃଷ୍ଟି କରିବେ ଯେପରିକି ମୁକ୍ତାର ହୋଇଥାଏ। وَلِبَاسُهُمْ فِيهَا حَرِيرٌରେ କୁହାଯାଇଛି ଯେ, ପରବର୍ତ୍ତୀ କାଳରେ ସେମାନଙ୍କୁ ଏପରି ଧର୍ମପରାୟଣତା ପ୍ରାପ୍ତ ହେବ ଯାହାକୁ ଅବଲମ୍ବନ କରିବାରେ ସେମାନଙ୍କୁ କୌଣସି କଷ୍ଟ ଏବଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَلِبَاسُ التَّقْوَىٰ ذَٰلِكَ خَيْرٌ (ଆରାଫ୍:3)ଅର୍ଥାତ୍ ଧର୍ମପରାୟଣତାମୂଳକ ବସ୍ତ୍ର ସର୍ବୋତ୍କୃଷ୍ଟ ବସ୍ତ୍ର ଅଟେ । ଇହକାଳରେ ଧର୍ମପରାୟଣତାମୂଳକ ବସ୍ତ୍ର ପରିଧାନ କରିବା ନିମନ୍ତେ ବ୍ୟକ୍ତିକୁ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ ଏବଂ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ ପରବର୍ତ୍ତୀ କାଳରେ ଧର୍ମପରାୟଣର ବସ୍ତ୍ର ରେଶମ ପରି ହେବ । ଅର୍ଥାତ୍ ତାହାକୁ ଅବଲମ୍ବନ ଓ ପାଥେୟ କରିବା ନିମନ୍ତେ କଷ୍ଟ ସହ୍ୟ କରିବାକୁ ପଡ଼ିବା ନାହିଁ। ବରଂ ତାହା ଅତ୍ୟନ୍ତ ଆରାମଦାୟକ ହେବ ଏବଂ ସ୍ୱଭାବ ସ୍ୱତଃସ୍ଫୂର୍ତ୍ତଃ ଧର୍ମପରାୟଣତା ପ୍ରତି ଆକୃଷ୍ଟ ହେବ, ତା'କୁ ବାଧ୍ୟ କରାଯିବ ନାହିଁ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ କହିଲେ, କେବଳ ବସ୍ତ୍ର ନୁହେଁ ସେମାନଙ୍କର ଭାଷା ମଧ୍ୟ ଶିଷ୍ଟ, ମାର୍ଜିତ ହେବ ଏବଂ ଚାଲି ଚଳନ ତଥା ଆଚାର ବ୍ୟବହାର ମଧ୍ୟ ମାର୍ଜିତ ଓ ଶୃଙ୍ଖଳିତ ହେବ । ଏପର୍ଯ୍ୟନ୍ତକି ସେମାନଙ୍କର ପ୍ରତିବେଶୀ ଓ ଅଲ୍ଲାଃତାଲା ମଧ୍ୟ ସେମାନଙ୍କର ଚାଲି ଚଳନର ପ୍ରଶଂସା କରିବେ । ତହିଁରୁ ଏହା ପ୍ରତିଭାତ ହୁଏ ଯେ, ସ୍ୱର୍ଗପୁର କେବଳ କର୍ମହୀନ ହୋଇ ବସିବାର ସ୍ଥାନ ନୁହେଁ । ବରଂ କର୍ମ ଏବଂ କାର୍ଯ୍ୟାନୁସରଣ କରିବାର ସ୍ଥାନ ଅଟେ। ପାର୍ଥକ୍ୟ କେବଳ ଏତିକି ଯେ, ଇହକାଳରେ ମନୁଷ୍ୟ ଦ୍ୱାରା ପାପ କର୍ମ ମଧ୍ୟ ସମ୍ପାଦିତ ହୋଇଯାଇଥାଏ । କିନ୍ତୁ ବୈକୁଣ୍ଠରେ କୌଣସି କୁକର୍ମ ବା କୁକାର୍ଯ୍ୟ ସମ୍ପାଦିତ ହେବ ନାହିଁ ଓ ମନୁଷ୍ୟ ପ୍ରତ୍ୟେକ ପ୍ରକାରର ଆଧ୍ୟାତ୍ମିକ ଅଧୋଗତି ଠାରୁ ସୁରକ୍ଷିତ ରହିବ । **(ତଫ୍‌ସିର୍ କବିର୍, ଭାଗ-6, ପୃ-22 ପ୍ରକାଶନ ସ୍ଥାନ- କାଦିଆନ୍-2010 ମସିହା)**

☆--☆--☆

## ବିଗତ ଶୁମାରା 16-17ର ପୃ 12ରେ ବର୍ଣ୍ଣିତ ହୁଜୁର ଅନୱର୍ ଅ.ବଙ୍କ ଖୁତ୍‌ବା- 14-07-23ର ଅବଶିଷ୍ଟାଂଶ........

ଗୋଷ୍ଠୀରେ ଥିଲି ସେତେବେଳେ ଏକଦା ପିତାଶ୍ରୀ କହିବାକୁ ଲାଗିଲେ ଯେ, ପୁତ୍ର ! ତୁମେ ଯଦି ପଦାଧିକାରୀ ଏବଂ ମୁନ୍ତଜିମ୍ (ବ୍ୟବସ୍ଥାପକ) ଅତ୍‌ଫାଲ (ଶିଶୁ)ଙ୍କର କଥା ନ ମାନିଲ, କୌଣସି କଥାରେ ତାଙ୍କ ସହିତ ମତାନ୍ତର କରିଥିବ ତେବେ ସେହି ପଦକୁ ତୁମେ ତ୍ୟାଗ କରିଦେବା ଉଚିତ୍ । କାରଣ ବ୍ୟବସ୍ଥାପିକା ଏବଂ ଖିଲାଫତ୍ ପରସ୍ପର ସହିତ ଅଙ୍ଗାଅଙ୍ଗି ଭାବରେ ଜଡ଼ିତ ଅଟନ୍ତି । ଏପରି ନହେଉ ଯେ, ଗୋଟିଏ କଥା (ଗ୍ରହଣ କର) ଓ ଅନ୍ୟ କଥାକୁ ନ ମାନ (ଅସ୍ୱୀକାର କରିଦେବ) । ଅନ୍ୟମାନଙ୍କୁ ସାହାଯ୍ୟ କରିବା, ଯଥା ସମୟରେ ଚାରିତ୍ରିକ ସଂଶୋଧନ କରିବା ଇତ୍ୟାଦି ପ୍ରସଙ୍ଗ ଆପଣଙ୍କର ବିଶିଷ୍ଟ ଗୁଣାବଳୀ ଥିଲା । ଏପର୍ଯ୍ୟନ୍ତକି ଆପଣ କୌଣସି ପ୍ରସଙ୍ଗର ଯେତେବେଳେ ସଂଶୋଧନ କରୁଥିଲେ ଓ କେହି ଯଦି ରୁଷ୍ଟ ହୋଇଯାଉଥିଲା ସେତେବେଳେ ଆପଣ ସେଥିପ୍ରତି ଭୃକ୍ଷେପ କରୁ ନଥିଲେ । ଯଦି ସଂଶୋଧନ ହୋଇଯାଉଥିଲା ତେବେ ତାହାପରେ ଆପଣ ଉକ୍ତ ବ୍ୟକ୍ତିକୁ ପ୍ରୋତ୍ସାହିତ କରୁଥିଲେ ଏବଂ କହୁଥିଲେ, ମୋର ଉଦ୍ଦେଶ୍ୟ କେବଳ ସଂଶୋଧନ କରିବାର ଥିଲା । ସ୍ୱର୍ଗତ ହମିଦ୍ ସାହେବଙ୍କର ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ଏପରି ଅନେକ ଅବସର ଆସିଛି ଯେ, ଜୀବନରେ ସୁଖ ସୁବିଧା ପ୍ରାପ୍ତ ହୋଇପାରି ଥାଆନ୍ତା। କିନ୍ତୁ ପିତାଶ୍ରୀ ସର୍ବଦା ନିଜର ୱକ୍‌ଫକୁ ପ୍ରାଧାନ୍ୟ ଦେଇଥିଲେ । ଶେଷ ବୟସରେ ମଧ୍ୟ ମୁଁ ପିତାଶ୍ରୀଙ୍କୁ କଥା କଥାକେ କହିଲି, ପିତାଶ୍ରୀ! ଆପଣ ମୋ ନିକଟକୁ ଡେନ୍‌ମାର୍କ୍ ଚାଲି ଆସନ୍ତୁ । ତେବେ ଏକଥା ଶୁଣି ପିତାଶ୍ରୀ ଅତ୍ୟନ୍ତ ଅସନ୍ତୁଷ୍ଟ ଓ ରୁଷ୍ଟ ହେଲେ । ପିତାଶ୍ରୀ କହିଲେ, ମୁଁ ବର୍ଷ ୱକ୍‌ଫ୍ କରି ନାହିଁ ବରଂ ମୁଁ ମୋ ଜୀବନକୁ ୱକ୍‌ଫ୍ (ଉତ୍ସର୍ଗ) କରିଛି । ମୋର ସବୁ ୱକଫ୍ ସହିତ ସଂପୃକ୍ତ ଅଟେ ।

ସ୍ୱର୍ଗତ ହମିଦ୍ ସାହେବଙ୍କର ସୁପୁତ୍ରୀ ହୁସନ୍ ଆରା ସାହେବା କୁହନ୍ତି, ପିତାଶ୍ରୀ ଅତ୍ୟନ୍ତ ଦୟାବାନ୍, ବିନୀତ, ବିନମ୍ର, ଅତିଥି ସତ୍କାରକ ଏବଂ ଈଶ୍ୱରଭୀରୁ ବ୍ୟକ୍ତି ଥିଲେ । ଦୁଆର ଏକ ଅମୂଲ୍ୟ ନିଧି ଥିଲେ । ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସର ଏକ ବିଶିଷ୍ଟ ଗୁଣାବଳୀର ଅଧିକାରୀ ଥିଲେ ଏବଂ ଖିଲାଫତ୍ ପ୍ରତି ଗଭୀର ଆନ୍ତରୀକତା ଥିଲା । ଅନ୍ୟ ସଂପର୍କ ଅପେକ୍ଷା ଖିଲାଫତ୍ ପ୍ରତି ବିଶେଷ ଆନ୍ତରୀକତାର ଅନ୍ଦାଜ୍ ଥିଲା। ପ୍ରତ୍ୟେକ ମୁହୂର୍ତ୍ତ ଖିଲାଫତ୍ ସଂକ୍ରାନ୍ତରେ ଚିନ୍ତାଗ୍ରସ୍ତ ରହୁଥିଲେ ଏବଂ କଥାର ଆରମ୍ଭ ଓ ଶେଷ କେବଳ ଖିଲାଫତ୍ ଏବଂ ଉପସ୍ଥିତ ଖଲିଫାଙ୍କ ସହିତ ପ୍ରେମ ଆନ୍ତରୀକତା ପ୍ରକାଶ କରିବା ପାଇଁ ଅନୁପ୍ରାଣିତ କରୁଥିଲେ । ଏଠାରେ ୟୁ.କେରେ ମଧ୍ୟ ଆସୁଥିଲେ । ବେଳେବେଳେ ମୁଁ ଯେତେବେଳେ କଥାରେ ପରାଜିତ ହୋଇଯାଉଥିଲି ଏବଂ ପିତାଶ୍ରୀଙ୍କ ନିକଟରେ ନିଜର ଭାବ ପ୍ରକାଶ କରୁଥିଲି ସେତେବେଳେ ପିତାଶ୍ରୀ କହୁଥିଲେ ଯେ, ସଂସାରର ସମସ୍ତ ସଂପର୍କ ନଶ୍ୱର ଅଟେ । ତୁମେ କେବଳ ପ୍ରଭୁଙ୍କ ସହିତ ନିଜର ସଂପର୍କକୁ ସୁଦୃଢ ରଖ । ଅନ୍ୟ ସମସ୍ତ ଲୋକମାନେ ସଂପର୍କକୁ ପରିତ୍ୟାଗ କରିଦେଇ ଥାଆନ୍ତି । କାରଣ ଚିରଞ୍ଜିବ ଓ ଅବିନଶ୍ୱର କେବଳ ଗୋଟିଏ ଅସ୍ତିତ୍ୱ ଅଟନ୍ତି ଏବଂ ସେହି ଅସ୍ତିତ୍ୱ ହେଉଛି ପ୍ରଭୁଙ୍କର ଅସ୍ତିତ୍ୱ। ସେ ତୁମକୁ କେବେ ବି ଏକୁଟିଆ ଛାଡ଼ିବେ ନାହିଁ । ପୁନଶ୍ଚ ମହୋଦୟା ଏହା କହିଲେ, ଖିଲାଫତ୍ ସହିତ ନିଜର ସଂପର୍କକୁ ସୁଦୃଢ ରଖ । ପିତାଶ୍ରୀ ଅତ୍ୟନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ । ପ୍ରତ୍ୟେକ ସମୟ ଏହା ହିଁ କହୁଥିଲେ ଯେ, ମୁଁ ଏକ ଉତ୍ସର୍ଗୀକୃତ ଜୀବନ ଅଟେ । ମୋର ସମଗ୍ର ଜୀବନ ପ୍ରଭୁଙ୍କ ଧର୍ମ ମାର୍ଗରେ ଉତ୍ସର୍ଗ ଓ ସମର୍ପିତ ଅଟେ । ପିତାଶ୍ରୀ ଉକ୍ତ ଅଭିଳାଷାର ପରିପ୍ରକାଶ କରି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ୱକ୍‌ଫକୁ ପାଳନ କରିଥିଲେ ।

ହାଫିଜ୍ ଖାଲିଦ୍ ଇଫ୍‌ତିଖାର୍ ସାହେବ ନାଜିମ୍ ମାଲ୍ ୱକ୍‌ଫେ ଜଦିଦ୍ ଉଲ୍ଲେଖ କରନ୍ତି ଯେ, ମୋତେ ଅବ୍‌ଦୁଲ୍ ହମିଦ୍ ଖାନ୍ ସାହେବଙ୍କ ସହିତ ପ୍ରାୟ 20 ବର୍ଷ କାର୍ଯ୍ୟ କରିବାର ସୁଯୋଗ ପ୍ରାପ୍ତ ହେଲା ଏବଂ ସର୍ବଦା ତାଙ୍କର ଭୂମିକା ଜଣେ ଉତ୍ସର୍ଗୀକୃତ ଜୀବନ ପରି ରହିଛି। ବୟସ ଏବଂ ଅଭିଜ୍ଞତା ଦୃଷ୍ଟିରୁ ସେ ମୋ ଠାରୁ ବଡ଼ ଥିଲେ । କିନ୍ତୁ ଖିଲାଫତ୍‌ର ଆଜ୍ଞାବହତା ତଥା ନିଜାମେ ଜମାଅତ୍ ପ୍ରତି ଅତ୍ୟନ୍ତ ଉଚ୍ଚ ସ୍ତର ଆଜ୍ଞାନୁବର୍ତ୍ତୀ ହେବା ଯୋଗୁଁ କେବେ ବି ନିଜର ସିନିୟରିଟି Seniority (ବରିଷ୍ଠାତା)ର ଅନୁଭବ ହେବାକୁ ଦେଲେ ନାହିଁ । ତାଙ୍କର ନାଏବ୍ କୁହନ୍ତି, ନିଃସ୍ୱାର୍ଥପର ହୋଇ ବିନୀତ ସହିତ ସେ କାର୍ଯ୍ୟ କଲେ । ବୁଝାଇବା ଏବଂ ଚାନ୍ଦା ଦେବାର ଆହ୍ୱାନ କରିବାର ଶୈଳୀ ଅତ୍ୟନ୍ତ ଉତ୍କୃଷ୍ଟ ଥିଲା। ନବାଗତ କର୍ମଚାରୀମାନଙ୍କୁ, ମୁବଲ୍ଲିଗିନମାନଙ୍କୁ ଓ ମୁଅଲ୍ଲିମିନମାନଙ୍କୁ ବ୍ରହ୍ମଜ୍ଞାନର ସହିତ କାର୍ଯ୍ୟ କରିବାର ଶୈଳୀ ସଂପର୍କରେ ବୁଝାଉଥିଲେ । ନିଜ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱକୁ ସେ ସଂପୂର୍ଣ୍ଣ ଆଜ୍ଞାବହତାର ସହିତ ସମ୍ପାଦନ କୁରଥିଲେ । ସଠିକ୍ ପରାମର୍ଶଦାତା ଥିଲେ । ସେବା କରିବାର ଢଙ୍ଗ ନୀରବ ତଥା ନିଃସ୍ୱାର୍ଥପୂର୍ଣ୍ଣ ଥିଲା । କିନ୍ତୁ 30 ବର୍ଷ ରୁ ଉର୍ଦ୍ଧ୍ୱ କାଳ ୱକଫେ ଜଦିଦ୍ କାର୍ଯ୍ୟାଳୟ ତାଙ୍କ ଠାରୁ ବହୁତ ଉପକୃତ ହେଲା । ଶେଷ କେଇ ବର୍ଷ ମଧ୍ୟରେ ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଉଥିଲା, ସନ୍ତାନମାନେ ବିଦେଶରେ ରହୁଥିଲେ। ତାଙ୍କୁ ଯେତେବେଳେ କୁହାଯାଉଥିଲା ଯେ, ଆପଣ ନିଜର ସନ୍ତାନମାନଙ୍କ ନିକଟକୁ ଚାଲି ଯାଆନ୍ତୁ । କାରଣ ଆପଣମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ସେତେବେଳେ ସ୍ୱର୍ଗତ ହମିଦ୍ ସାହେବ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଉତ୍ତର ଦେଉଥିଲେ ଯେ, ମୁଁ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଅଛି ଏବଂ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଁ ଧର୍ମସେବା କରିବି । ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉକ୍ତ ଅଙ୍ଗୀକାର ଏବଂ ଉକ୍ତ ୱକ୍‌ଫକୁ ସମ୍ପାଦନ କରିବା ନିମନ୍ତେ ସାମର୍ଥ୍ୟ ମଧ୍ୟ ପ୍ରଦାନ କରିଥିଲେ । ଯାହାକୁ ସେ ଅତ୍ୟନ୍ତ ସୁନ୍ଦର ଭାବରେ ସମ୍ପାଦନ ମଧ୍ୟ କରିଲେ । ନିଜାମତେ ମାଲ୍‌ରେ ମୁବଶ୍ଶିର୍ **(ଅବଶିଷ୍ଟାଂଶ...ପୃ-12ରେ)**

# (ଖୁତ୍‌ବା ଜୁମା)

ଉକ୍ତ ଜଲ୍‌ସାରେ ଅଂଶ ଗ୍ରହଣ କରିବାର ଆମମାନଙ୍କର କେବଳ ଏକମାତ୍ର ଉଦ୍ଦେଶ୍ୟ ହେବା ଉଚିତ୍ ଏବଂ ତାହା ଏହିକିଯେ ଆମେମାନେ ନିଜର ଆଧ୍ୟାତ୍ମିକ ଏବଂ ଶୈକ୍ଷିକ ଅବସ୍ଥାକୁ ଶୃଙ୍ଖଳିତ ଓ ମାର୍ଜିତ କରିବା ସହିତ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ରସୁଲୁଲ୍ଲା ସ.ଅଙ୍କ ପ୍ରେମ ନିଜ ମଧ୍ୟରେ ସୃଷ୍ଟି କରିବା ଉଚିତ୍। ଅଲ୍ଲାଃତାଲାଙ୍କ କୃପାରୁ ମୁଁ ଆଶା କରୁଛି ଯେ, ଆମମାନଙ୍କର ସ୍ୱେଚ୍ଛାସେବୀ କର୍ମଚାରୀମାନେ । ଉତ୍ତମ ଉପାୟରେ ନିଜର ବ୍ୟବସ୍ଥାକୁ ସମ୍ଭାଳିବେ ।

---

ଏହି ଚିନ୍ତାଧାରା ରହିଛି ଯେ, ଦୀର୍ଘ ଦିନର ବିରତି ପରେ ବ୍ୟାପକ ରୂପେ ଜଲ୍‌ସାର ଆୟୋଜନ କରାଯାଉଛି ଏବଂ ଯଦି କୌଣସି ସ୍ଥାନରେ କିଛି ବ୍ୟବସ୍ଥାଜନିତ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ନହୁଏ ତେବେ ଅଲ୍ଲାଃତାଲା ମଧ୍ୟ ଇନ୍‌ଶାଅଲ୍ଲାଃ ସେହି ଚିନ୍ତାଧାରାକୁ, (ବ୍ୟବସ୍ଥାପିକାର) ସେହି ଚିନ୍ତାଧାରାକୁ ମଧ୍ୟ ଦୂର କରି ଦିଅନ୍ତୁ । କିନ୍ତୁ ସର୍ତ୍ତ ଏହିକି ଯେ, ଆମେମାନେ ଅଲ୍ଲାଃତାଲାଙ୍କ କୃପାକୁ ସାଉଁଟିବା ପ୍ରତି ସର୍ବଦା ଧ୍ୟାନ ଦିଅନ୍ତୁ ।

ଆମମାନଙ୍କର କାର୍ଯ୍ୟ ଆମର କୌଣସି ସତର୍କତା କିମ୍ବା ଅଭିଜ୍ଞତା ଦ୍ୱାରା ସମ୍ପାଦିତ ହୋଇ ନଥାଏ । ବରଂ ନୈଷ୍ଠିକପୂର୍ଣ୍ଣ ଭାବରେ ତାହା ଅଲ୍ଲାଃତାଲାଙ୍କ କୃପା ଦ୍ୱାରା ସମ୍ପାଦିତ ହୋଇଥାଏ ।

ମୁଁ କର୍ମଚାରୀମାନଙ୍କୁ କହି ଦେଉଛି ଯେ, ସେମାନେ ଯେଉଁ ଉତ୍ସାହ ରଖି ନିଜକୁ ସେବା କରିବା ନିମନ୍ତେ ଉପସ୍ଥାପିତ କରିଛନ୍ତି ସେହି ଉତ୍ସାହକୁ ବଳବତ୍ତର ରଖି ଯେତିକି ଦିନ ବି ଡିଉଟି ରହିଛି ତାହାକୁ ସଠିକ୍ ଭାବରେ ସମ୍ପାଦନ କରିବା ଉଚିତ୍ । ଅତିଥିମାନଙ୍କର ସେବା କରିବାର କର୍ତ୍ତବ୍ୟ ସମ୍ପାଦନ କରିବାର ପକ୍ଷ ରହିଛି ସେଠାରେ ଏକଥା ମଧ୍ୟ ଭୁଲନ୍ତୁ ନାହିଁ ଯେ, ଆମେମାନେ ଅଲ୍ଲାଃତାଲାଙ୍କ ଉପାସନାର ଅଧିକାର ମଧ୍ୟ ସାବ୍ୟସ୍ତ କରିବା ଉଚିତ୍ । ନିଜ ନମାଜ୍‌ର ସୁରକ୍ଷା ମଧ୍ୟ କରିବା ଉଚିତ୍, ସେହି ପରିବେଶରୁ ପ୍ରତ୍ୟେକ ମୁହୂର୍ତ୍ତ ଲାଭାନ୍ୱିତ ହୋଇ ନିଜର ଅସ୍ତିତ୍ୱକୁ ପବିତ୍ର କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ ।

ବିଭିନ୍ନ ମର୍କଜି ବିଭାଗଗୁଡ଼ିକ ରହିଛି ଯଥା- ମଖ୍‌ଜନେ ତସାୱିର୍ (ଛବି କୋଷ), ରିଭ୍ୟୁ ଅଫ୍ ରିଲିଜିୟନ୍‌ସ୍, ତବ୍‌ଲିଗ୍ ଇତ୍ୟାଦିର ବିଭାଗ, ଆର୍କାଇଭ୍‌ର (ଅଭିଲେଖାଗାର) ପ୍ରଦର୍ଶନୀ ରହିଛି ସେଗୁଡ଼ିକୁ ବୁଲି ଦେଖନ୍ତୁ ଏବଂ ନିଜର ଧାର୍ମିକ ଏବଂ ଐତିହାସିକ ଜ୍ଞାନକୁ ମଧ୍ୟ ଅଭିବୃଦ୍ଧ କରନ୍ତୁ ।

ଯଦି ଉତ୍ତମ ଚରିତ୍ର ନାହିଁ ତେବେ ତାହା ନିଷ୍ପ୍ରୟୋଜନ ଅଟେ, କେବଳ କର୍ମଚାରୀମାନଙ୍କ ଉତ୍ତମ ଚରିତ୍ର ଦ୍ୱାରା ପରିବେଶ ଶାନ୍ତିପୂର୍ଣ୍ଣ ହୋଇପାରିବ ନାହିଁ ବରଂ ସମସ୍ତ ଉପସ୍ଥିତ ମଣ୍ଡଳୀଙ୍କୁ ମଧ୍ୟ ଉତ୍ତମ ଚରିତ୍ର ପ୍ରଦର୍ଶନ କରିବା ଉଚିତ୍, ମହିଳାମାନେ ମଧ୍ୟ ଉକ୍ତ କଥାର ବିଶେଷ ଧ୍ୟାନ ରଖନ୍ତୁ ଓ ପୁରୁଷମାନେ ମଧ୍ୟ ଉକ୍ତ କଥାର ବିଶେଷ ଧ୍ୟାନ ରଖନ୍ତୁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଚିନ୍ତାଧାରା ରଖିବା ଉଚିତ୍ ଯେ, ଆମେମାନେ ନିଜ ଉପରେ ନିଜ ଭାଇକୁ ପ୍ରାଧାନ୍ୟ ଦେବୁ। ଯଦି ଏହି ଚିନ୍ତାଧାରା ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସୃଷ୍ଟି ହୋଇଯାଏ ଓ ଏହି ଚିନ୍ତାଧାରା ମନ ମଧ୍ୟରେ ଉତ୍ପନ୍ନ ହୋଇଯାଏ ତେବେ ଅନ୍ୟମାନଙ୍କର ଅଧିକାର ମଧ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ପ୍ରାପ୍ତ କରିବା ନିମନ୍ତେ ନିର୍ବାହ କରିବା ଉଚିତ୍ । ତେବେ ଯାଇ ଏହିପରି ସୁସ୍ଥ ସମାଜ ଅର୍ଥାତ୍ ପ୍ରେମ ଓ ଆନ୍ତରୀକତାପୂର୍ଣ୍ଣ ସମାଜ ଗଠନ ହୋଇ ପାରିବ ।

---

ଅଲ୍ଲାଃତାଲା କରନ୍ତୁ କି ଏହି ତିନି ଦିନ କେବଳ ତରାନା ପଢ଼ିବାର ଏବଂ ନଜମ ପଢ଼ିବାର ତଥା ପ୍ରେମ ଓ ଆନ୍ତରୀକତାପୂର୍ଣ୍ଣ ଗୀତ ଗାଇବାର ଦିନ ଆମମାନଙ୍କ ପାଇଁ ସାବ୍ୟସ୍ତ ନହେଉ । ବରଂ ଏହି ତିନି ଦିନର ତର୍ବିୟତ୍ ଦ୍ୱାରା ସେହି ଜାଗରଣ ସୃଷ୍ଟି ହେଉ ଯାହାକି ସମାଜରେ ପ୍ରେମ ତଥା ଆନ୍ତରୀକତାର ଏପରି ଏକ ବାତାବରଣ ସୃଷ୍ଟି କରୁ ଯାହାକି ପ୍ରକୃତ ଏବଂ ଇସଲାମୀୟ ସମାଜ ଅନନ୍ୟ ପରିଚୟ ସାବ୍ୟସ୍ତ ହେବ ।

ଯେପିରିକି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଅତିଥି ସତ୍କାରକଙ୍କ ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଅତିଥିଙ୍କୁ ଯଥା ସମ୍ଭବ ଆରାମ୍ ପହଞ୍ଚାଇବା ପାଇଁ ପ୍ରୟାସ କରନ୍ତୁ । ଅତିଥିମାନଙ୍କୁ ମଧ୍ୟ ସାଧାରଣ କଷ୍ଟକୁ ସହ୍ୟ କରିବାର ସର୍ବୋତ୍କୃଷ୍ଟ ପ୍ରତିଫଳ ଅଲ୍ଲାଃତାଲା ପ୍ରଦାନ କରନ୍ତୁ ।

ଆଜି 10 ମୁହର୍ରମ ଅଟେ ତେଣୁ ଦୁରୁଦ୍ ଶରୀଫ୍ ପାଠ କରିବା ଉଚିତ୍ ଏବଂ ଏହି ଚିନ୍ତାଧାରା ସହିତ ଦୁରୁଦ୍ ପାଠ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ ସର୍ବୋଚ୍ଚ କରି ଚାଲନ୍ତୁ, ଆପଣ ସ.ଅଙ୍କ ବାର୍ତ୍ତାକୁ ସାଫଲ୍ୟମଣ୍ଡିତ ଏବଂ ବିଜୟ ମଣ୍ଡିତ କରନ୍ତୁ, ଆପଣ ସ.ଅଙ୍କ ଧର୍ମବିଧାନକୁ ସ୍ଥାୟୀତ୍ୱତା ପ୍ରଦାନ କରନ୍ତୁ ଏବଂ ଆପଣ ସ.ଅଙ୍କୁ ସର୍ବୋଚ୍ଚ ମର୍ଯ୍ୟାଦା ପ୍ରଦାନ କରନ୍ତୁ, ଆପଣ ସ.ଅଙ୍କ ସଂପ୍ରଦାୟ ସପକ୍ଷରେ ଆପଣ ସ.ଅଙ୍କର ଦୁଆରୁ ଆମେମାନେ ଉପକୃତ ହେବା ସହିତ ଅଲ୍ଲାଃତାଲା ଉକ୍ତ ସଂପ୍ରଦାୟରୁ ପ୍ରତ୍ୟେକ ପ୍ରକାରର ବିଶୃଙ୍ଖଳା ଠାରୁ ସୁରକ୍ଷିତ ରଖନ୍ତୁ ଓ ପବିତ୍ର କରି ଦିଅନ୍ତୁ ।

ସିକ୍ୟୁରିଟି ଦୃଷ୍ଟିରୁ ଜଲ୍‌ସା ଗାହ୍‌ରେ ପ୍ରତ୍ୟେକ ମହିଳା ଓ ପୁରୁଷମାନଙ୍କ ମଧ୍ୟରୁ ଯେଉଁମାନେ ଉକ୍ତ ଜଲ୍‌ସାରେ ସାମିଲ୍ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅଂଶ ଗ୍ରହଣକାରୀଙ୍କୁ ନିଜ ଆଖପାଖ ପରିବେଶ ଉପରେ ନଜର ରଖିବା ଉଚିତ୍ । ଏହି ଦିନମାନଙ୍କରେ ଦୁରୁଦ୍ ଶରୀଫ୍ ଓ ଈଶ୍ୱର ଚର୍ଚ୍ଚା ପ୍ରତି ମଧ୍ୟ ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ ।

## ବାର୍ଷିକ ଧର୍ମ ସମ୍ମିଳନୀ ଅବସରରେ କର୍ମକର୍ତ୍ତା ଓ ଅତିଥିମାନଙ୍କୁ ହୁଜୁର ଅନ୍‌ୱର୍ ଅ.ବଙ୍କ ବହୁମୂଲ୍ୟ ଉପଦେଶ ପ୍ରଦାନ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 28 JULY 2023 ମସିହା ଅନୁଯାୟୀ ୨୮ ୱଫା /୧୪୦୨ ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଜି ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହେମଦିୟା ୟୁ,କେ (ଇଂଲଣ୍ଡ)ର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଏଠାରେ ଖଲିଫାଙ୍କ ଉପସ୍ଥିତିରେ ବାର୍ଷିକ ଧର୍ମ ସମ୍ମିଳନୀ ପାଖାପାଖି ଚାରି ଦଶନ୍ଧି ଧରି ଅନୁଷ୍ଠିତ ହୋଇ ଆସୁଛି । ପ୍ରାରମ୍ଭରେ ଜଲ୍‌ସାର ବ୍ୟାପକ ବ୍ୟବସ୍ଥା ଯୋଗୁଁ ଏଠାରେ ଜମାଅତ୍‌କୁ ଅନେକ କିଛି କଥା ଶିକ୍ଷା କରିବାର ଆବଶ୍ୟକତା ଥିଲା ଯେଉଁଥି ପାଇଁ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବ୍ୟକ୍ତିଗତ ଅଭିରୁଚି ଦ୍ୱାରା ମାର୍ଗଦର୍ଶନ କରିଛନ୍ତି ଏବଂ ରବ୍‌ୱାରୁ ମଧ୍ୟ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ଏଠାକୁ ଡକାଇ କର୍ମୀମାନଙ୍କୁ କାର୍ଯ୍ୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଗଲା ଯହିଁରେ ଚୌଧୁରୀ ହମିଦୁଲ୍ଲାଃ ସାହେବ ଅଫିସର ଜଲ୍‌ସା ସାଲାନା ମଧ୍ୟ ଅନ୍ୟତମ ଥିଲେ। ମହୋଦୟ ଉକ୍ତ କାର୍ଯ୍ୟରେ ବେଶ୍ ସାହାଯ୍ୟ କରିଥିଲେ । ଏଠାରେ ୧୯୮୫ ମସିହାରେ ପ୍ରଥମ ଥର କରି ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଉପସ୍ଥିତିରେ ବାର୍ଷିକ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଯଦିଓ ଏହା ପୂର୍ବରୁ ୧୯୮୪ମସିହାରେ ବାର୍ଷିକ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା କିନ୍ତୁ ତାହା ଖୁବ୍ ସଂକ୍ଷିପ୍ତ ଆୟୋଜନ ଥିଲା । ୧୯୮୫ ମସିହାର ଜଲ୍‌ସାରେ ସମ୍ଭବତଃ ପାଞ୍ଚ ହଜାର ଲୋକ ଯୋଗ ଦେଇଥିଲେ। ଏଥିପାଇଁ ବ୍ୟବସ୍ଥାପିକା ଅତ୍ୟନ୍ତ ଚିନ୍ତିତ ହୋଇ ପଡ଼ିଥିଲା । ପ୍ରତ୍ୟେକ ବ୍ୟକ୍ତି ଚିନ୍ତିତ ଥିଲା କିପରି ଏତେ ବିଶାଳ ସଂଖ୍ୟକ ଲୋକମାନଙ୍କୁ ନିୟନ୍ତ୍ରଣ କରାଯିବ । ବର୍ତ୍ତମାନ ଅଲ୍ଲାଃତାଲାଙ୍କ କୃପାରୁ କେବଳ ଖୁଦ୍ଦାମୁଲ୍ ଅହେମଦିୟା ୟୁ.କେର ଇଜ୍‌ତିମା କିମ୍ବା ଲଜନାର ଇଜତିମାରେ ଏହାଠୁ ଢେର ଅଧିକ ସଂଖ୍ୟକ ଲୋକମାନେ ଉପସ୍ଥିତି

ହେଉଅଛନ୍ତି । ଅତ୍ୟନ୍ତ ଉତ୍ତମ ଢଙ୍ଗରେ ଏହି ଅଧୀନସ୍ଥ ଗୋଷ୍ଠୀମାନେ ମଧ୍ଯ ନିଜର ବ୍ୟବସ୍ଥାକୁ ସମ୍ଭାଳି ନେଇ ଥାଆନ୍ତି ଓ ନିୟନ୍ତ୍ରଣ ତଥା ବ୍ୟବସ୍ଥିତ ମଧ୍ଯ କରିନେଇ ଥାଆନ୍ତି । ସୁତରାଂଏହି ଦୃଷ୍ଟିରୁ ୟୁ.କେର ଜମାଅତ୍ ଅତ୍ୟନ୍ତ ଅଭିଜ୍ଞସମ୍ପନ୍ନ ଓ ପାରଙ୍ଗମ ଜମାଅତ୍ ହୋଇ ସାରିଛି ।

ଏଥର ତିନି ଚାରି ବର୍ଷର ଅବଧି ପରେ ସଂପୂର୍ଣ୍ଣ ରୂପେ ବ୍ୟାପକ ସ୍ତରରେ ଜଲ୍‌ସା ସାଲାନା ଅନୁଷ୍ଠିତ ହେଉଅଛି, ଅତଃ ବ୍ୟବସ୍ଥାପିକା (ଆୟୋଜକ) ଜମାଅତ୍ ଏଥି ନିମନ୍ତେ ଚିନ୍ତିତ ମଧ୍ଯ ଅଟେ ଯେ, ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ଆମେମାନେ ଉତ୍ତମ ଏବଂ ବ୍ୟବସ୍ଥିତ ଢଙ୍ଗରେ ସମ୍ଭାଳି ପାରିବୁ ଅବା ନୁହେଁ ? କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ମୁଁ ଆଶା କରୁଛି ଯେ, ଆମ ଏଠାକାର କର୍ମକର୍ତ୍ତାମାନେ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ନିଜର ବ୍ୟବସ୍ଥା ଅର୍ଥାତ୍ କାର୍ଯ୍ୟକୁ ସମ୍ପାଦନ କରିନେବେ । **ମାଶାଅଲ୍ଲାଃ** ବର୍ତ୍ତମାନ ଏଠାକାର ଅଧିବାସୀମାନେ, ଏଠାରେ ଜନ୍ମ ଗ୍ରହଣ କରିଥିବା ତଥା ଲାଳିତ ପାଳିତ ହୋଇଥିବା ପିଲାମାନେ କିମ୍ବା ଯେଉଁ ପିଲାମାନେ ବର୍ତ୍ତମାନ ବଡ଼ ହୋଇଯାଇଛନ୍ତି ଅବା ସେହି ବୟସକୁ ପହଞ୍ଚି ଯାଇଛନ୍ତି ଯେଉଁଠି ସେମାନେ ସଂପୂର୍ଣ୍ଣ ଚୈତନ୍ୟାବସ୍ଥାରେ ନିଜର କାର୍ଯ୍ୟ ସମ୍ପାଦନ କରିପାରିବେ । ସେମାନେ ଏତେ ଅଭିଜ୍ଞ ଓ ପ୍ରବୀଣ ଅଟନ୍ତି ଯେ, ନିଜର ଦାୟିତ୍ୱ ତଥା କାର୍ଯ୍ୟକୁ ସଠିକ୍ ଭାବରେ ସମ୍ପାଦନ କରିପାରୁଛନ୍ତି ।

ଗତ ରବିବାର ଦିନ ମୁଁ ଏପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା କାର୍ଯ୍ୟର ସମୀକ୍ଷା ମଧ୍ଯ କରିଥିଲି । ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ବିଭାଗରେ ମୁଁ କର୍ମଚାରୀମାନଙ୍କୁ କର୍ମତତ୍ପର ଏବଂ ନିଜର ଦାୟିତ୍ୱ ଏବଂ ନିଜର କାର୍ଯ୍ୟକୁ ବୁଝିଥିବା ଜାଣିବାକୁ ପାଇଲି । ମନ ଭିତରେ ଯେଉଁ ଆଶଙ୍କା ଏବଂ ସନ୍ଦେହ ଥିଲା ତାହା କ୍ରମଶଃ ଅଲ୍ଲାଃତାଲାଙ୍କ କୃପାରୁ ଦୂରୀଭୂତ ହୋଇଗଲା । ଏହି ଚିନ୍ତା ଯେ, ଏତେ ଦୀର୍ଘ ଅବଧି ପରେ ବ୍ୟାପକ ସ୍ତରରେ ଜଲସା ସାଲାନା ଆୟୋଜିତ ହେଉଅଛି ଏବଂ କୌଣସି ସ୍ଥାନରେ ଯେପରି କୌଣସି ତ୍ରୁଟି ପରିଲକ୍ଷିତ ଯେପରି ନହେଉ । ଅଲ୍ଲାଃତାଲା ସେହି ସମସ୍ତ ଆୟୋଜକଙ୍କ ଚିନ୍ତାକୁ ମଧ୍ଯ ଇନ୍‌ଶାଅଲ୍ଲାଃ ଦୂରୀଭୂତ କରିଦେବେ । କିନ୍ତୁ ସର୍ତ୍ତ ଏହା ରହିଛି ଯେ, ଆମେମାନେ ଅଲ୍ଲାଃତାଲାଙ୍କ କୃପାକୁ ସାଉଁଟିବା ନିମନ୍ତେ ସର୍ବଦୈବ ଧ୍ୟାନ ଦେଉଥିବା ଉଚିତ୍ । ଆମର କୌଣସା କାର୍ଯ୍ୟ ଆମର କୌଣସି ସତର୍କତା କିମ୍ବା ଅନୁଭୂତି ଦ୍ୱାରା ସମ୍ପାଦିତ ହୋଇ ନଥାଏ । ବରଂ ନୈଷ୍ଠିକ ରୂପେ ଅଲ୍ଲାଃତାଲାଙ୍କ କୃପା ଦ୍ୱାରା ସମ୍ପାଦିତ ହୋଇଥାଏ । ସୁତରାଂ ବିଗତ ଖୁତ୍‌ବାରେ ମୁଁ କର୍ମୀମାନଙ୍କୁ ସଂକ୍ଷିପ୍ତ ରୂପେ ଏହା କହିଥିଲି କି ଆପଣମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଶିକ୍ଷା ଉପେରେ କାର୍ଯ୍ୟାନୁସରଣ କରି, ପରିଶ୍ରମ, ସର୍ବୋଚ୍ଚ ଚରିତ୍ର ପ୍ରଦର୍ଶନ କରି ଦୁଆ ମାଧ୍ୟମରେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି ପ୍ରତ୍ୟେକ କର୍ମୀ ଏବଂ ପ୍ରତ୍ୟେକ ନିରୀକ୍ଷକୁ ନିଜ ନିଜର କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ । ଯେତେବେଳେ ଏପରି ହେବ ସେତେବେଳେ ଅଲ୍ଲାଃତାଲା ମଧ୍ଯ କଲ୍ୟାଣ ପ୍ରଦାନ କରିବେ । ଆମେମାନେ ନିଃସ୍ୱାର୍ଥପର ହୋଇ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କ ସେବା କରିବା ନିମନ୍ତେ ନିଜକୁ ସମର୍ପିତ କରି ଦେଇଅଛେ । ଆପଣ ଅ.ସ ନୈଷ୍ଠିକ ରୂପେ ଧାର୍ମିକ ଅଭିପ୍ରାୟ ରଖି ଏଠାରେ ଏକତ୍ରିତ ହୋଇଛନ୍ତି । ସୁତରାଂ ମୁଁ ପୁନଃ କର୍ମୀମାନଙ୍କୁ କହି ଦେଉଛି ଯେ, ଆପଣମାନେ ଯେଉଁ ଉତ୍ସାହ ରଖି ନିଜକୁ ସେବା ନିମନ୍ତେ ଉପସ୍ଥାପିତ କରିଛନ୍ତି ସେହି ଉତ୍ସାହକୁ ବଳବତ୍ତର ରଖି ଯେତିକି ଦିନ ବି ଡିଉଟି ରହିଛି ତାହାକୁ ସମ୍ପାଦନ କରନ୍ତୁ । ଯେଉଁଠି ଅତିଥିମାନଙ୍କ ସେବା କରିବାର ଅଧିକାର ସମ୍ପାଦନ କରିବେ ସେଠାରେ ଏକଥା ମଧ୍ଯ ଭୁଲନ୍ତୁ ନାହିଁ ଯେ, ଆମେମାନେ ଅଲ୍ଲାଃତାଲାଙ୍କର ଉପାସନାର ଅଧିକାର ମଧ୍ଯ ସମ୍ପାଦନ କରିବୁ, ନିଜର ନମାଜମାନଙ୍କର ମଧ୍ଯ ସୁରକ୍ଷା କରିବୁ । ଏହି ପରିବେଶ ତଥା ବାତାବରଣରୁ ପ୍ରତ୍ୟେକ ମୁହୂର୍ତ୍ତ ଉପକୃତ ହେବା ସହିତ ନିଜର ଅସ୍ତିତ୍ୱକୁ ମଧ୍ଯ ପବିତ୍ର କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । କେବଳ ଡିଉଟିର ଉଦ୍ଦେଶ୍ୟକୁ ପୂରଣ କରିଦେଇ ଏହା ଭାବିବା ଅନୁଚିତ୍ ଯେ, ଆମମାନଙ୍କର ଅଭିପ୍ରାୟ ତଥା କର୍ତ୍ତବ୍ୟ ସମ୍ପାଦନ ହୋଇଗଲା ବାସ୍ । ନା । ଉପାସନା ବ୍ୟତୀରେକ ଆମମାନଙ୍କର ଅଭିପ୍ରାୟ ପୂର୍ଣ୍ଣ ହୋଇପାରିବ ନାହିଁ । ସୁତରାଂ ଆବାଳ ବୃଦ୍ଧ ବନୀତା ଯେଉଁମାନେ ଡିଉଟି ଦେଉଛନ୍ତି ସେମାନେ ଉକ୍ତ ଅଧିକାରକୁ ସମ୍ପାଦନ କରିବାର ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଏହାପରେ ଜଲ୍‌ସାରେ ଆସିଥିବା ଅତିଥିମାନଙ୍କୁ ମଧ୍ଯ ମୁଁ ଆଜି ଦିପଦ କହିବାକୁ ଚାହୁଁଛି । ତାହା ଏହିକି ଯେ, ଜଲ୍‌ସାରେ ସମ୍ମିଳତ ହୋଇଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀକୁ ଏକଥା ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ, ମୁଁ ଯେଉଁ କଥାଗୁଡ଼ିକ ଆପଣମାନଙ୍କ ଆଗରେ ବର୍ଣ୍ଣନା କରୁଛି ତାହା କେବଳ ବର୍ଣ୍ଣନା ଆକରରେ ମୁଁ ଉପସ୍ଥାପିତ କରୁ ନାହିଁ ମୁଁ ଯାହା କହିଦେଲି ଆପଣମାନେ ତାହାକୁ ଶୁଣିନେଲେ । ବାସ୍ କେବଳ ଏତିକି ହିଁ ଯଥେଷ୍ଟ । ନା । ବରଂ ଏହା ଉପରେ କାର୍ଯ୍ୟାନୁସରଣ କରିବାର ମଧ୍ଯ ଆବଶ୍ୟକତା ରହିଛି । ସର୍ବ ପ୍ରଥମ ମୁଖ୍ୟ କଥା ଏହା ଯେ, ଜଲ୍‌ସା କୌଣସି ସାଂସାରିକ ମେଳା ପରି ନୁହେଁ ।

**(ଶାହାଦତୁଲ୍ କୁର୍‌ଆନ୍, ରୁହାନୀ ଖଜାଏନ୍, ବାଗ-6, ପୃ-395)**

ଉକ୍ତ ଜଲ୍‌ସାରେ ସାମିଲ୍ ହେବାର ଆମମାନଙ୍କର କେବଳ ଏକମାତ୍ର ଅଭିପ୍ରାୟ ରହିଛି ତାହା ହେଲା- ନିଜର ଆଧ୍ୟାତ୍ମିକ ଅବସ୍ଥାର ଉନ୍ନତି ଓ ଶୈକ୍ଷିକ ଅବସ୍ଥାକୁ ଶୃଙ୍ଖଳିତ ତଥା ପରିମାର୍ଜିତ କରିବା, ଚାରିତ୍ରିକ ଅବସ୍ଥାକୁ ଉତ୍ତମ କରିବା, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ପ୍ରେମକୁ ନିଜ ମଧ୍ଯରେ ସୃଷ୍ଟି କରିବା ଉଚିତ୍ । ଅତଏବ୍ ଯେତେବେଳେ ଆମମାନଙ୍କ ମଧ୍ଯରେ ଏହି ଚିନ୍ତାଧାରା ବିଦ୍ୟମାନ ରହିବ ସେତେବେଳେ ସାଂସାରିକ କଥା ପ୍ରତି ଧ୍ୟାନ ଆକର୍ଷିତ ହେବ ନାହିଁ । ଅତଃ ଯେତେବେଳେ ସାଂସାରିକ କଥା ପ୍ରତି ଧ୍ୟାନ ରହିବ ନାହିଁ ସେତେବେଳେ ଜଲ୍‌ସାର କେତେକ ବ୍ୟବସ୍ଥା ଯହିଁରେ କୌଣସି ଦୁର୍ବଳତା ମଧ୍ଯ ଥିବ ତେବେ ଅତିଥିମାନେ ତାହାକୁ ଅନୁଭବ କରିପାରିବେ ନାହିଁ । ସେମାନେ ଏହି ମନୋଭାବ ରଖିବେ ଯେ, ଅତିଥି ସତ୍କାରକଙ୍କ ପକ୍ଷରୁ, ଜଲ୍‌ସାର ଆୟୋଜନକାରୀଙ୍କ ପକ୍ଷରୁ ଯଦି କୌଣସି ତ୍ରୁଟି ରହିଯାଇଛି ତେବେ ଆମ ଉପରେ ଏହାର କୌଣସି ନକାରାତ୍ମକ ପ୍ରଭାବ ଏବଂ ଫରକ୍ (ପରିବର୍ତ୍ତନ) ପଡ଼ୁ ନାହିଁ । ଆମମାନଙ୍କର ଅଭିପ୍ରାୟ ତ' ନିଜର ଆଧ୍ୟାତ୍ମିକ ଓ ଶୈକ୍ଷିକ ଅବସ୍ଥାକୁ ଉତ୍କୃଷ୍ଟ ଏବଂ ମାର୍ଜିତ କରିବା ଅଟେ। ତାହା ଆମେମାନେ ଜଲ୍‌ସା ସାଲାନାର କାର୍ଯ୍ୟକ୍ରମ ଏବଂ ଭାଷଣ ମାଧ୍ୟମରେ ଲାଭାନ୍ୱିତ ହୋଇପାରିବୁ । ସୁତରାଂ ପ୍ରଥମ କଥା ଏହିକି ଯେ, ଜଲ୍‌ସାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ଆଗମନକାରୀ ଏକଥାକୁ ସୁନିଶ୍ଚିତ କରୁ କି ଆପଣମାନେ ଜଲ୍‌ସା ସମୟରେ ଏଣେତେଣେ ବୁଲିବା ଅପେକ୍ଷା ଜଲସାର ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶୁଣିବା ଉଚିତ୍ । ଜଲ୍‌ସାର ନିୟମିତ କାର୍ଯ୍ୟକ୍ରମ ମଧ୍ଯରେ ଯେଉଁ ବିରତି ରହିଛି ସେହି ବିରତରେ ଆହାର ଖାଇବା, ନମାଜ କିମ୍ବା ବନ୍ଧୁମାନଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ସେହି ସମୟଟି ନିର୍ଦ୍ଧାରିତ ହୋଇଥାଏ । ତେଣୁ ସେହି ସମୟକୁ ମଧ୍ଯ ଉତ୍ତମ ରୂପେ ସଦୁପଯୋଗ କରିବା ଉଚିତ୍। ଯଦି ଏହି ବିରତି ସମୟରେ ମଧ୍ଯ ଅବସର ସମୟ ମିଳେ ତେବେ ବଜାରରେ ସପିଙ୍ଗ ପାଇଁ ବୁଲାବୁଲି କରନ୍ତୁ ନାହିଁ । ବରଂ ଇଶାଅତ୍ ବିଭାଗ ପକ୍ଷରୁ ଏଠାରେ ଜମାଅତ୍‌ର ଯେଉଁ ବୁକ୍ ଷ୍ଟଲ୍ ଲାଗିଛି ସେଠାକୁ ଯାଆନ୍ତୁ । ସେହିପରି ବିଭିନ୍ନ ମର୍କଜି ବିଭାଗ ଯଥା ମଖ୍‌ଜନେ ତସାୱିର୍, ରିଭ୍ୟୁ ଅଫ୍ ରିଲିଜିୟନ୍‌ସ୍, ତବ୍‌ଲିଗ୍ ଇତ୍ୟାଦି ବିଭାଗ ରହିଛି, ଆର୍କାଇଭସ୍ ରହିଛି ସେଗୁଡ଼ିକୁ ଦେଖନ୍ତୁ, ପରିଦର୍ଶନ କରନ୍ତୁ ଏବଂ ନିଜର ଆଧ୍ୟାତ୍ମିକ ଓ ଐତିହାସିକ୍ ଜ୍ଞାନକୁ ମଧ୍ଯ ଅଭିବୃଦ୍ଧି କରନ୍ତୁ ।

ଅତଏବ୍ ପ୍ରତ୍ୟେକ ଦୃଷ୍ଟିରୁ ସଂପୂର୍ଣ୍ଣ ରୂପେ ବିଶୃଙ୍ଖଳା ଠାରୁ ଦୂରେଇ ରହି ଧାର୍ମିକ ଓ ଶୈକ୍ଷିକ ସ୍ତରକୁ ସୁଦୃଢ କରିବା ପ୍ରତି ଉଦ୍ୟମ୍ କରନ୍ତୁ । ଆପଣମାନେ ଯେତେବେଳେ ଏପରି କାର୍ଯ୍ୟ ସମ୍ପାଦନ କରିବେ ସେତେବେଳେ ପୁନଶ୍ଚ ପାରସ୍ପାରିକ ପ୍ରେମ ସଂପର୍କ ମଧ୍ଯ ବୃଦ୍ଧି ପାଇବ । ବ୍ୟବସ୍ଥାପକ ଏବଂ ଅତିଥି ସତ୍କାରକମାନଙ୍କ ମଧ୍ଯରେ ବ୍ୟବସ୍ଥାରେ ଯଦି କୌଣସି ତ୍ରୁଟି କିମ୍ବା ଦୁର୍ବଳତା ରହିଯାଇଛି ତାହାହେଲେ ତାହା ଆଉ ଯେପରି ଦୃଶ୍ୟମାନ ହେବ ନାହିଁ । ଏପରି ପରିବେଶ ଏବଂ ଏହିପରି ବାତାବରଣ ହେବା ଉଚିତ୍ ଯାହାକି ପ୍ରକୃତ ବିଶ୍ୱାସାକାରୀଙ୍କ ପରିବେଶର ନିଚ୍ଛକ ପ୍ରତିଛବି ଅଙ୍କନ କରିଥାଏ । ଯଦି ଏହିପରି ହେଉ ନାହିଁ ତାହାହେଲେ ଆମେମାନେ ଜଲ୍‌ସାରେ ସେହି ପରିବେଶ ସୃଷ୍ଟି କରିପାରିବୁ ନାହିଁ ଯାହାକି ଜଲ୍‌ସାର ଅଭିପ୍ରାୟ ଅଟେ । ଆପଣମାନେ ଦୋଷ ଦୁର୍ବଳତା ଯଦି ଖୋଜିବାକୁ ଲାଗନ୍ତି ଏବଂ ମାନ ଅଭିମାନ, ଅଭିଯୋଗ ଆଦି କରିବାକୁ ଲାଗି ଯାଆନ୍ତି ତାହାହେଲେ ଏତେ ବିଶାଳ ଓ ସାମୟିକ ବ୍ୟବସ୍ଥାରେ ଦଶାଧିକ ଅଭିଯୋଗ ସୃଷ୍ଟି ହୋଇପାରିବ ନାହିଁ । ଅନେକ ଦୋଷ ଦୁର୍ବଳତା ଦୃଶ୍ୟମାନ ହୋଇପାରିବ । ଏହା ସ୍ୱଭାବ ଉପରେ ପ୍ରତିକୁଳ ପ୍ରଭାବ ପକାଥାଏ ଏବଂ ବ୍ୟାକୁଳତା ସୃଷ୍ଟିକାରୀ ଅଟନ୍ତି । ପର୍ଫେକସନ୍ (Perfection) ପରିପୂର୍ଣ୍ଣତା ହେଉ, ଉଦାହରଣ ସ୍ୱରୂପ ଖାଦ୍ୟ ଖୁଆଇବାର ବ୍ୟବସ୍ଥା । ତହିଁରେ ପ୍ରାୟତଃ ଏହି ଉଦ୍ୟମ କରାଯାଇଥାଏ ଯେ, ଅତିଥିମାନଙ୍କୁ ଖାଦ୍ୟ ଖୁଆଇବା ନିମନ୍ତେ ଯଥାସମ୍ଭବ ସୁବିଧା ପ୍ରଦାନ କରାଯିବା ଉଚିତ୍ । ତରକାରୀ ଆଦି ମଧ୍ଯ ଅଳ୍ପ ହେବା ଅନୁଚିତ୍ ଏବଂ ଖାଦ୍ୟ ବାଣ୍ଟୁଥିବା ସ୍ୱେଚ୍ଛାସେବୀ କର୍ମୀମାନେ ମଧ୍ଯ ଅତିଥିମାନଙ୍କ ପ୍ରତି ସଠିକ୍ ରୂପେ ସର୍ବୋଚ୍ଚ ଚରିତ୍ର ପ୍ରଦର୍ଶନ କରି ସେବା କରିବା


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଉଚିତ୍ । କିନ୍ତୁ ବେଳେବେଳେ ଅନ୍ଦାଜ୍ (ଶୈଳୀ)ରେ ନ୍ୟୁନାଧିକ ବା ତାରତମ୍ୟ ଦେଖା ଦେଇଥାଏ ଏବଂ ସଠିକ୍ ରୂପେ ଆହାର ଉପଲବ୍ଧ ହୋଇପାରି ନଥାଏ । ତେବେ ସେପରିପ୍ରେକ୍ଷୀରେ କୌଣସି ପ୍ରକାରର କ୍ରୋଧାଭାବ ପ୍ରକାଶ କରିବା ବ୍ୟତୀତ ପ୍ରସନ୍ନ ହୃଦୟର ସହିତ କର୍ମୀମାନଙ୍କର କ୍ଷମାଯାଚନାକୁ ସ୍ୱୀକାର କରିନେବା ଉଚିତ୍ । ଏପରି ପରିସ୍ଥିତି ଉପୁଜିବା ସ୍ଥଳେ କେଉଁ ଉଦାହରଣ ପ୍ରଦର୍ଶନ କରିବା ଉଚିତ୍ ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ ଆମମାମନଙ୍କ ସମ୍ମୁଖରେ କେଉଁ  ଉଦାହରଣ ପ୍ରଦର୍ଶନ କରିଛନ୍ତି ତତ୍‌ସମ୍ବନ୍ଧରେ ଆପଣ ଅ.ସଙ୍କ ଜୀବନୀ ମଧ୍ୟରୁ ଏକ ଘଟଣାର ବର୍ଣ୍ଣନା କରିଦେଉଛି । ଘଟଣାଟି ଏହିପରି ଉଲ୍ଲିଖିତ ହୋଇଛି ଯେ, ହ. ମସିହ୍ ମଉଦ୍ ଅ.ସ ଏକଦା ଯାତ୍ରା କରୁଥିଲେ, କାର୍ଯ୍ୟ ବ୍ୟସ୍ତତା ଥିଲା ଏବଂ ଅନ୍ୟ ଅତିଥିଙ୍କୁ ଖାଦ୍ୟ ଖୁଆଇ ଦିଆଯାଉଥିଲା । ଆପଣ ଅ.ସଙ୍କ ପାଇଁ କର୍ମୀମାନେ ଭୋଜନ ରଖି ଦେଇଥିଲେ। ସେତେବେଳେ ଆପଣ ଅ.ସ ରାତ୍ର ଭୋଜନ କରି ନଥିଲେ । ପରବର୍ତ୍ତୀ କିଛି ସମୟ ପରେ କର୍ମୀମାନେ ଆସି ଭୋଜନ ପାତ୍ର ନଦେଖି ନେଇଗଲେ । ଆୟୋଜକ ମଧ୍ୟ ଏଥିପ୍ରତି  ଧ୍ୟାନ ଦେଲା ନାହିଁ ଯେ, ଆପଣ ଅ.ସ ଭୋଜନ କରିଛନ୍ତି ଅବା ନୁହେଁ । ଆପଣ ଅ.ସ ନିଜ କାର୍ଯ୍ୟରେ ନିମଜ୍ଜିତ ଅଟନ୍ତି । ସେ ଯାହା ହେଉ ଅର୍ଦ୍ଧ ରାତ୍ରରେ ଯେତେବେଳେ ଆପଣ ଅ.ସଙ୍କୁ ଭୋକ ଅନୁଭୂତ ହେଲା ସେତେବେଳେ ଆପଣ ଅ.ସ ଭୋଜନ ସଂକ୍ରାନ୍ତରେ ପଚାରିଲେ । ତେବେ ଆୟୋଜକଙ୍କ ହାତ ପାଦ ପୁରା ଫୁଲିଗଲା (ଅର୍ଥାତ୍ ସେମାନେ ଭୟଭୀତ ହୋଇଗଲେ) । ସମସ୍ତେ ବହୁତ ଚିନ୍ତିତ ଥିଲେ ଯେ, ଯେତେ ଲୋକମାନେ ସେଠାକୁ ଆସିଥିଲେ ସେମାନେ ସମସ୍ତେ ଖାଇ ସାରିଥିଲେ ଏବଂ ସେଠାରେ ଯେତେ କାର୍ଯ୍ୟ କରୁଥିବା ଲୋକମାନେ ଥିଲେ ସେମାନେ ସମସ୍ତେ ଖାଇ ସାରିଥିଲେ । ତେଣୁ ଆଉ କିଛି ଖାଦ୍ୟ ବଳି ନଥିଲା । ବିଳମ୍ବିତ ରାତ୍ର ହୋଇଯାଇଥିଲା । ବଜାର ମଧ୍ୟ ବନ୍ଦ ହୋଇଯାଇଥିଲା କି କୌଣସି ହୋଟେଲରୁ ଖାଦ୍ୟ ବରାଦ୍ କରିନିଆଯାଉ । କିନ୍ତୁ ତାହା ମଧ୍ୟ  ହେଲା ନାହିଁ । ସେ ଯାହା ହେଉ ନା କାହିଁକି କୌଣସି ପ୍ରକାର ହୁଜୁର ଅ.ସଙ୍କୁ ଏହା ଜ୍ଞାତ ହେଲା ଯେ, ଖାଦ୍ୟ ଶେଷ ହୋଇଯାଇଛି ଏବଂ ଆୟୋଜକ ଚିନ୍ତିତ ଅଟନ୍ତି ଯେ, ଶୀଘ୍ର ଶୀଘ୍ର ଖାଦ୍ୟ ପ୍ରସ୍ତୁତ କରାଯାଉ । ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ଦେଖ ! ଖାଦ୍ୟାସନ ଉପରେ ରୁଟିର କିଛି ଟୁକୁଡ଼ା ଖଣ୍ଡ ପଡ଼ିଥିବ, ସେହି ଟୁକୁଡ଼ା ଖଣ୍ଡକୁ ନେଇଆସ। ସୁତରାଂ ଆପଣ ଅ.ସ ସେହି ଟୁକୁଡ଼ା ମଧ୍ୟରୁ କିଛି ଟୁକୁଡ଼ା ଖାଇନେଲେ ଏବଂ ଆୟୋଜକଙ୍କୁ ଆଶ୍ୱସ୍ତି ପ୍ରଦାନ କଲେ । ବର୍ଣ୍ଣନାକାରୀମାନେ କୁହନ୍ତି: ହୁଜୁର ଅ.ସ ଯଦି ସେତେବେଳେ ଭୋଜନ ରାନ୍ଧିବାର ଆଦେଶ ଦେଇ ଥାଆନ୍ତେ ତାହାହେଲେ ଆମ ପାଇଁ ତାହା ସମ୍ମାନସ୍ପଦ ହୋଇ ଥାଆନ୍ତା ଏବଂ ଆମେମାନେ ଏକଥା ଉପରେ ଗର୍ବିତ ହୋଇ ଥାଆନ୍ତୁ ଯେ, ଆମମାନଙ୍କୁ ସେବା କରିବା ସୁଯୋଗ ପ୍ରାପ୍ତ ହେଲା ଏବଂ ତହିଁରେ କଲ୍ୟାଣ ଥିଲା। କିନ୍ତୁ ଆପଣ ଅ.ସ ଆମମାନଙ୍କର କଷ୍ଟକୁ ବୁଝି ଆମମାନଙ୍କୁ ଖାଦ୍ୟ ରାନ୍ଧିବାରୁ ଅଟକାଇ ଦେଲେ ଏବଂ କହିଲେ ଆଉ ଖାଦ୍ୟ ରାନ୍ଧିବାର ଆବଶ୍ୟକତା ନାହିଁ । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ-ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ, ପୃ-322, ସଂସ୍କରଣ ବର୍ଷ 2016 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ସେହି ଉଦାହରଣ ଯାହାକୁ ଆମମାନଙ୍କ ସମ୍ମୁଖରେ ରଖିବା ଉଚିତ୍ । ନିର୍ଦ୍ଧାରିତ ସମୟରେ ଯଦି ଖାଇବା ପାଇଁ ପହଞ୍ଚିଲେ ନାହିଁ ତେବେ କୌଣସି ନଖ୍‌ରା କରିବା ଅନୁଚିତ୍ ଅଟେ । ଯାହା ମିଳିବ ତାହାକୁ ସେବନ (ଖାଇ ନେବା) କରିବା ଉଚିତ୍ । ବେଳେବେଳେ ତରକାରୀ ଶେଷ ହୋଇଯାଇଥାଏ । ତେବେ ଶୀଘ୍ର ଡାଲି ରନ୍ଧା ଯାଇଥାଏ । କାରଣ ଡାଲି ଅତି ସହଜରେ ଓ ଶୀଘ୍ର  ସିଝି ଯାଇ ପ୍ରସ୍ତୁତ ହୋଇଯାଇଥାଏ । କାରଣ କୌଣସି ଅତିଥି ଯେପରି ଉପାସ ନରହନ୍ତୁ । ଅତିଥିମାନଙ୍କୁ ମଧ୍ୟ ପ୍ରସନ୍ନ ହୃଦୟ ହୋଇ ସେହି ଖାଦ୍ୟକୁ ଖାଇନେବା ଉଚିତ୍ । ସେହିପରି ଏହି ଶିକ୍ଷା ମଧ୍ୟ ଆପଣ ଅ.ସ ପ୍ରଦାନ କଲେ ଯେ, ରୁଟିକୁ ଅପଚୟ କରିବା ଉଚିତ୍ ନୁହଁ । ଆପଣ ଅ.ସ ଜାଣିଥିଲେ ଯେ, ଲୋକମାନେ ଖାଦ୍ୟାସନରେ ରୁଟି ଟୁକୁଡ଼ା ଛାଡ଼ି ଯାଆନ୍ତି । ତେଣୁ ଆପଣ ଅ.ସ କହିଲେ, ସେହି ରୁଟିର ଟୁକୁଡ଼ା ନେଇ ଆସ ମୁଁ ଖାଇନେବି । ଅତଏବ୍ ଏଠାରେ ମଧ୍ୟ ମୁଁ ଅତିଥିମାନଙ୍କୁ ଏହି ଅନୁରୋଧ କରିବି ଯେ, ରୁଟି ରାନ୍ଧୁଥିବା ରୋଷେୟାମାନଙ୍କର ତ' ପୂର୍ଣ୍ଣ ଉଦ୍ୟମ ହୋଇଥାଏ ଯେ, ରୁଟି ଭଲ ପ୍ରସ୍ତୁତ ହେଉ । କିନ୍ତୁ ବେଳେବେଳେ ସମ୍ଭବତଃ କେଉଁଠି ଦର କଞ୍ଚା ରୁଟି ରହିଯାଇଥାଏ କିମ୍ବା ପୋଡ଼ିଯାଇଥାଏ । ତେଣୁ ଯଦି ବହୁତ ଖରାପ ହୋଇଯାଇଛି ତାହାହେଲେ ରୁଟି ଛାଡ଼ି ଦିଆଯାଇ ପାରିବ। କିନ୍ତୁ ସାଧାରଣ ପରିସ୍ଥିତିରେ ନୁହେଁ । ଯଦି କୌଣସି ଅଳ୍ପ ବହୁତେ ତ୍ରୁଟି ରହି ଯାଇଛି ତେବେ ରୁଟି ଅପଚୟ କରିବା ଅନୁଚିତ୍ ଅଟେ । ଏଠାରେ ରୁଟି ପ୍ଲାଣ୍ଟ ଚାଲୁଛି ଏବଂ ଏହାର ବିକାଶ ପାଇଁ ବହୁତ ସମୟ ଲାଗିଛି, ଅତ୍ୟନ୍ତ ପରିଶ୍ରମର ସହକାରେ କର୍ମୀମାନେ କାର୍ଯ୍ୟ କରୁଛନ୍ତି ଏବଂ ପ୍ରତ୍ୟେକ ବର୍ଷ ଉନ୍ନତି ନିମନ୍ତେ କୌଣସି ନା କୌଣସି ନୂତନ କଥା ଅତିଥିମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଏହି ଆହାର ପ୍ରସ୍ତୁତକାରୀ ବ୍ୟକ୍ତିମାନେ ଏବଂ ରୁଟି ପ୍ରସ୍ତୁତକାରୀ ଲୋକମାନେ ଏହି ବୃତ୍ତି ଅର୍ଥାତ୍ ଖାଦ୍ୟ ରାନ୍ଧିବା ଏବଂ ରୁଟି ପ୍ରସ୍ତୁତ କରିବାର ବ୍ୟବସାୟ ସହିତ ଜଡ଼ିତ ନୁହନ୍ତି । ବରଂ ଏମାନେ ସ୍ୱେଚ୍ଛାସେବୀ ଅଟନ୍ତି । ସେମାନେ ଜୀବନର ସମସ୍ତ ବିଭାଗ ସହିତ ଜଡ଼ିତ ଅଟନ୍ତି । ଅତଏବ୍ ଯେଉଁ ନିଷ୍ଠା ଏବଂ ଯେଉଁ ଉତ୍ସାହର ସହିତ ସେମାନେ ସେବା କରୁଛନ୍ତି ତାହାକୁ ଆମମାନଙ୍କୁ ପ୍ରଶଂସା କରିବା ଉଚିତ୍ ।

ସୁତରାଂ ସେହି କର୍ମୀମାନଙ୍କ ପ୍ରତି ସର୍ବୋଚ୍ଚ ଉତ୍ତମ ଚରିତ୍ର ପ୍ରଦର୍ଶନ କରିବା, ପରସ୍ପରକୁ ଭେଟିବା ସମୟରେ ସ୍ମିତହାସ୍ୟ ପ୍ରକାଶ କରିବା, ପରସ୍ପର ପ୍ରତି ବଳିଦାନର ମନୋଭାବ ପୋଷଣ କରିବା କେବଳ କର୍ମୀମାନଙ୍କର କର୍ତ୍ତବ୍ୟ ନୁହେଁ ବରଂ ଅତିଥିମାନଙ୍କୁ ମଧ୍ୟ ବିଶେଷ ରୂପେ ଉକ୍ତ କଥା ପ୍ରତି ଯତ୍ନବାନ ହେବା ଉଚିତ୍ । ସୁତରାଂ ଆପଣମାନଙ୍କ ନିକଟରେ ଯଦି ଉତ୍ତମ ଚରିତ୍ର ନାହିଁ ତାହାହେଲେ ବ୍ୟକ୍ତିର କୌଣସି ଅସ୍ତିତ୍ୱ ନାହିଁ । କେବଳ କର୍ମୀମାନଙ୍କ ଉତ୍ତମ ଚରିତ୍ର ଦ୍ୱାରା ପରିବେଶ ଶାନ୍ତିପୂର୍ଣ୍ଣ ହୋଇପାରିବ ନାହିଁ । ବରଂ ସମସ୍ତ ଉପସ୍ଥିତ ମଣ୍ଡଳୀଙ୍କୁ ମଧ୍ୟ ଉତ୍ତମ ଚରିତ୍ର ପ୍ରଦର୍ଶନ କରିବା ଉଚିତ୍ । ଅତଏବ୍ ମହିଳାମାନେ ଏବଂ ପୁରୁଷମାନେ ଉକ୍ତ କଥାର ବିଶେଷ ରୂପେ ଧ୍ୟାନ ରଖନ୍ତୁ ।  ଗତଥର ମୁଁ ହଦିସ୍‌ର ପ୍ରାମାଣ୍ୟ ଉପସ୍ଥାପିତ କରିଥିଲି ଯେ, ସ୍ମିତହାସ୍ୟ ପ୍ରକାଶ କରିବା ମଧ୍ୟ ବିଶ୍ୱାସର ଏକ ଅଙ୍ଗ ଅଟେ ଏବଂ ସ୍ମିତହାସ୍ୟ ପ୍ରକାଶ କରିବା ମଧ୍ୟ ସଦ୍‌କା (ଦାନ) ଅଟେ । ଅତଃ ଉପରରୋକ୍ତ କଥା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ । **(ଯାମେ ତିର୍ମିଜି, ଅବ୍‌ୱାବୁଲ୍ ବିର୍‌ରି ୱସ୍ ସିଲା, ବାବ୍-ମା ଯାଆ ଫି ସନାଇଲ୍ ମାରୁଫି, ହଦିସ୍ ନଂ-1956)**

ଜଲ୍‌ସା ସଂପର୍କରେ ହ. ମସିହ୍ ମଉଦ୍ ଅ.ସ ଯେଉଁ ସର୍ବୋଚ୍ଚ ଉତ୍ତମ ଚରିତ୍ର ପ୍ରଦର୍ଶନ କରିବା ପ୍ରତି ପ୍ରୋତ୍ସାହିତ କରିଛନ୍ତି କିମ୍ବା ଅତିଥିମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସଂପର୍କରେ ଯେଉଁ ଉପଦେଶ ପ୍ରଦାନ କରିଛନ୍ତି ତାହାର ସ୍ତର କ'ଣ ରହିବା ଉଚିତ୍ ? ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି : "ମୁଁ ସତ ସତ କହୁଛି ଯେ, ଯେପର୍ଯ୍ୟନ୍ତ ବ୍ୟକ୍ତି ନିଜର ସୁଖ ସୁବିଧା ଉପରେ ନିଜର ଭାଇର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ନାହିଁ ଏବଂ ନିଜର ସ୍ୱାସ୍ଥ୍ୟାବସ୍ଥା ଠିକ୍ ହେବା ସତ୍ତ୍ୱେ ଖଟ ଉପରେ ଅଧିକାର ସାବ୍ୟସ୍ତ କରେ ତଥା ଆଶଙ୍କା କରେ କି ମୋ ଭାଇ ସେହି ଖଟ ଉପରେ ଯେପରି ବସି ନଯାଉ ତାହାହେଲେ ସେପର୍ଯ୍ୟନ୍ତ ମୋ ଅବସ୍ଥା ଉପରେ ଧିକ୍କାର ଅଟେ । ମୁଁ ତା' ବିପକ୍ଷରେ ଶାନ୍ତିର ସହିତ ଶୟନ କରେ ଏବଂ ତା' ନିମନ୍ତେ ଯଥାସାଧ୍ୟ ପ୍ରୟାସ ତଥା ସୁଖ ସୁବିଧା ପ୍ରଦାନ କରିବା ନିମନ୍ତେ ଉଦ୍ୟମ କରେ ନାହିଁ ଓ ଯଦି କୌଣସି ମୋର ଧାର୍ମିକ ଭାଇ ନିଜର ଆତ୍ମସ୍ୱାର୍ଥ ଯୋଗୁଁ ମୋ ପ୍ରତି କଟୁବାଣୀ ବା କଟୁଭାଷା ପ୍ରୟୋଗ କରେ ତେବେ ସେପରିପ୍ରେକ୍ଷୀରେ ମୋ ଅବସ୍ଥା ଉପରେ ଧିକ୍କାର ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜଲ୍‌ସାର ପରିବେଶ ନିମନ୍ତେ ଏକଥା ଅତ୍ୟନ୍ତ ଆବଶ୍ୟକୀୟ ଅଟେ ଯେ, ବ୍ୟକ୍ତି ଯଦି ନିଜ ଭାଇ ପ୍ରତି କଟୁଭାଷା ପ୍ରୟୋଗ କରେ ତେବେ ସେପରିପ୍ରେକ୍ଷୀରେ ତା' ଅବସ୍ଥା ଉପରେ ଧିକ୍କାର ଅଟେ । ମୁଁ ଯଦି ମୋ ଭାଇ ସହିତ ଜାଣିଶୁଣି କ୍ରୂରତା ବା କଠୋରତା ପ୍ରଦର୍ଶନ କରେ ତେବେ ତାହା ସଠିକ୍ ନୁହେଁ। ବରଂ ମୋ ପକ୍ଷେ ଏହା ଉଚିତ୍ ହେବ କି ମୁଁ ତା' କଥା ଶୁଣି ଧୈର୍ଯ୍ୟ  ପ୍ରଦର୍ଶନ କରିବା ଉଚିତ୍, ନମାଜରେ ତା' ନିମନ୍ତେ କାନ୍ଦି କାନ୍ଦି ଦୁଆ କରିବା ଉଚିତ୍। କାରଣ ସେ ମୋର ଭାଇ ଅଟେ ଏବଂ ଆଧ୍ୟାତ୍ମିକ ରୂପେ ସେ ଅସୁସ୍ଥ ଏବଂ ରୁଗ୍ଣ ଅଟେ । ମୋ ଭାଇ ଯଦି ସରଳ କିମ୍ବା ସ୍ୱଳ୍ପ ବିଦ୍ୟା ଅବା ନିରୀହ ପଣିଆ ଯୋଗୁଁ ତା' ଦ୍ୱାରା କୌଣସି ପାପ ସମ୍ପାଦିତ ହୋଇଯାଏ ତେବେ ମୋ ପକ୍ଷେ ଏହା ଅନୁଚିତ୍ ହେବ ଯେ, ମୁଁ ତା ସହିତ ଥଟ୍ଟା ପରିହାସ କରିବି କିମ୍ବା ମୁହଁକୁ ମୁହଁ ଲଗାଇ ଯୁକ୍ତି କରି କଠୋରତା ପ୍ରଦର୍ଶନ କରିବି କିମ୍ବା କୁଉଦ୍ଦେଶ୍ୟ ରଖି ତା'ର ଦୋଷଦୁର୍ବଳତା ଯଦି ଧରେ ତେବେ ଏହି ସମସ୍ତ ମାର୍ଗ ବିନାଶର ମାର୍ଗ ଅଟେ । ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ନିଜର ହୃଦୟକୁ ବିନମ୍ର କରି ଅନ୍ୟ ଅପେକ୍ଷା ନିଜକୁ ତିରସ୍କୃତ ଏବଂ ହୀନ, ହେୟ ବୋଲି ମନେକରି ନେଇ ନାହିଁ, ସମସ୍ତ ଗର୍ବଭାବକୁ ପରିତ୍ୟାଗ କରିଦେଇ ନାହିଁ ସେପର୍ଯ୍ୟନ୍ତ କେହି ବି ପ୍ରକୃତ ବିଶ୍ୱାସକାରୀ ହୋଇପାରିବ ନାହିଁ । ଜାତିର ସେବକ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ହେବା ମାଲିକ ହେବାର ଲକ୍ଷଣ ଅଟେ ଏବଂ ଅଭାବି, ଦରିଦ୍ରମାନଙ୍କ ପ୍ରତି ବିନମ୍ର ହୋଇ, ଆନତ ହୋଇ କଥା କହିବା ଈଶ୍ୱରଙ୍କ ପ୍ରିୟଭାଜନ ହେବାର ଲକ୍ଷଣ ଅଟେ । ପାପର ଉତ୍ତର ପୁଣ୍ୟ ଦ୍ୱାରା ଦିଆଯିବା ପୁଣ୍ୟବାନ ହେବାର ଲକ୍ଷଣ ଅଟେ । କ୍ରୋଧ ଏବଂ ତିକ୍ତ କଥାକୁ ପାନ କରିନେବା ଅତ୍ୟନ୍ତ ଉଚ୍ଚ ସ୍ତରୀୟ ସାହସିକତା ଅଟେ ।

**(ଶାହାଦତୁଲ୍ କୁର୍ଆନ୍, ରୁହାନୀ ଖଜାଏନ୍, ଭାଗ-6, ପୃ-395-396)**

ଏହି ସାମୂହିକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯେଉଁ ମାର୍ଗଦର୍ଶିକା ରହିଛି ତାହା ଆପଣ ଅ.ସ ନିଜର ଅନୁଗାମୀମାନଙ୍କୁ ପ୍ରଦାନ କରିଛନ୍ତି । ସୁତରାଂ ଏହା ହିଁ ସେହି ମୌଳିକ ଚରିତ୍ର ଯାହାର ପରିପ୍ରକାଶ ବିଶେଷ କରି ଜଲ୍‌ସାର ଦିନମାନଙ୍କରେ ସର୍ବାଧିକ ରୂପେ ହେବା ଉଚିତ୍ । ଆମେମାନେ ଯଦି ଏହା ଉପରେ ତିନି ଦିନ ମଧ୍ୟରେ କାର୍ଯ୍ୟାନୁସରଣ କରିବୁ ତାହାହେଲେ କିଛି ନା କିଛି ଅଭ୍ୟାସ ସେହି କଥାକୁ ପାଳନ କରିବା ଦ୍ୱାରା ହେବ ଏବଂ ଦୈନନ୍ଦିନ ଜୀବନରେ ମଧ୍ୟ ଆମମାନେ ଏହି କାର୍ଯ୍ୟ କରିପାରିବୁ । କିନ୍ତୁ ସର୍ତ୍ତ ଏହିକିଯେ, ଏହି ଚିନ୍ତାଧାରା ହେବା ଉଚିତ୍ ଯେ, ମୁଁ ଜଲ୍‌ସାରେ ନିଜର ଆଧ୍ୟାତ୍ମିକ ଏବଂ ଚାରିତ୍ରିକ ସଂଶୋଧନ ନିମନ୍ତେ ଯାଇଥିଲି। ଏହି ମନୋଭାବ ହିଁ ସାର୍ବକାଳୀନ ରୂପେ ସେହି ସୁନ୍ଦର, ସୁସ୍ଥ ସମାଜ ଗଠନ କରିବ ଯାହାକି ଅନ୍ୟମାନଙ୍କର ଅଧିକାର ସମ୍ପାଦେନ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଥାଏ। ଅର୍ଥାତ୍ ମୁଁ ଜଲ୍‌ସାରେ କ'ଣ ଶିଖିବା ପାଇଁ ଯାଇଥିଲି । ନିଜର ପୁରୁଣା ଭାଇକୁ ଅଗ୍ରାଧିକାର ଦେବା କୌଣସି ସାଧାରଣ କାର୍ଯ୍ୟ ନୁହେଁ । ଏହା ଜଣେ କର୍ମଯୋଗୀର କାର୍ଯ୍ୟ ଅଟେ । ଅତଃ ଆପଣ ଅ.ସ କୁହନ୍ତି ଯେ, ବିଶ୍ୱାସ ସହିତ ଏହାର ସଂପର୍କ ରହିଚି । ଯେଉଁ ବ୍ୟକ୍ତି ମଧ୍ୟରେ ଅନ୍ୟ ବ୍ୟକ୍ତିର ଅଧିକାର ସମ୍ପାଦନ କରିବା ଏବଂ ବଳିଦାନ ଦେବାର ମନୋଭାବ ନାହିଁ ତା'ର ବିଶ୍ୱାସ ସଠିକ୍ ନୁହେଁ । ବ୍ୟକ୍ତି ସାମାନ୍ୟ କଥା ଯୋଗୁଁ ଅଲ୍ଲାଃତାଲାଙ୍କ ବୃହତ୍ ପୁରସ୍କାରର ଅଧିକାରୀ ହୋଇଯାଇ ନଥାଏ । ବରଂ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ବେଶ୍ ସମ୍ମାନିତ ଓ ପୁରସ୍କୃତ କରନ୍ତି ଯିଏ କର୍ମସାଧାନ କ୍ଷେତ୍ରରେ କର୍ମଯୋଗୀ ଏବଂ ଯୋଦ୍ଧା ହୋଇ ଆଗକୁ ଅଗ୍ରସର ହୋଇଥାଏ । ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା ଅତ୍ୟନ୍ତ କାଠିକର କାର୍ଯ୍ୟ ଅଟେ । ଏଣୁ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥଳରେ କହିଛନ୍ତି ଯେ, ବେଳେବେଳେ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ତ' ସମ୍ପାଦିତ ହୋଇଯାଇଥାଏ । କିନ୍ତୁ ଭକ୍ତମାନଙ୍କର ଅଧିକାର ସମ୍ପାଦନ ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । **(ମଲ୍‌ଫୁଜାତ୍, ଭାଗ-8, ପୃ-19, ପ୍ରକାଶନ ବର୍ଷ-1984 ମସିହାରୁ ଉଦ୍ଧୃତ)**

ସୁତରାଂ ପ୍ରତ୍ୟେକ ବ୍ୟକ୍ତିକୁ ଏହି ମନୋଭାବ ପୋଷଣ କରିବା ଉଚିତ୍ ଯେ, ଆମେମାନେ ନିଜ ଭାଇକୁ ଅଗ୍ରାଧିକାର ଦେବୁ । ଯଦି ଏହି ଚିନ୍ତାଧାରା ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ସୃଷ୍ଟି ହୋଇଯାଏ ଓ ହୃଦୟରେ ଏହି ଚିନ୍ତାଧାରା ସୃଷ୍ଟି ହୋଇଯାଏ ଯେ, ମୁଁ ଅଲ୍ଲାଃତାଲାଙ୍କ ଅନୁଗ୍ରହତା ଏବଂ ତାହାଙ୍କର ପ୍ରସନ୍ନତା ପ୍ରାପ୍ତି ସକାଶେ ଅନ୍ୟମାନଙ୍କର ଅଧିକାର ସମ୍ପାଦନ କରିବି ତେବେ ଏପରି ଏକ ସୁସ୍ଥ ସମାଜ ସୃଷ୍ଟି ହେବ ଯାହାକି ପ୍ରେମ ଓ ଆନ୍ତରୀକତାପୂର୍ଣ୍ଣ ସମାଜରେ ପରିଣତ ହୋଇଯିବ । କେବଳ ଜଲ୍‌ସାର ଏହି ତିନି ଦିନ ହିଁ ଉକ୍ତ ପ୍ରେମ ଏବଂ ଆନ୍ତରୀକତାର ପିରପ୍ରକାଶ ପାଇଁ ହୋଇ ନଥାଏ ବରଂ ସମଗ୍ର ଜୀବନ ପ୍ରେମ ଓ ଆନ୍ତରୀକତାର ଉଦାହରଣ ପାଲଟି ଯାଇଥାଏ ।

ହୁଜୁର ଅ.ବ କହିଲେ, ହଜରତ୍ ମସିହ୍ ମଉଦ୍ ଅ.ସ ଏକ ପବିତ୍ର ତଥା ସୁସ୍ଥ ସମାଜ ଗଠନ ପାଇଁ କିପରି ସୁନ୍ଦର ସୁନ୍ଦର ବହୁମୂଲ୍ୟ ଉପଦେଶ ପ୍ରଦାନ କରିଛନ୍ତି । ହୁଜୁର୍ ଅ.ସ କୁହନ୍ତି: "ଯଦି ତୁମକୁ କେହି କଟୁ ଭାଷା କୁହେ ଏବଂ ତୁମର ବ୍ୟବହାର ମଧ୍ୟ ସେହିପରି ହୁଏ ତେବେ ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଅଟେ । ତୁମେ ତା'ର ଉତ୍ତର କଠୋରତା ଦ୍ୱାରା ଦେବା ପରିବର୍ତ୍ତେ ତା' ପାଇଁ ଦୁଆ କର । ଏହା ହେଉଛି ସେହି ସମାଜ ଯାହା ଇସ୍‌ଲାମ୍ ଧର୍ମ ସ୍ଥାପନ କରିବାକୁ ଚାହୁଁଛି ଏବଂ ଏହା ହେଉଛି ସେହି ସମାଜ ଯେଉଁ ସମାଜ ହ. ମସିହ୍ ମଉଦ୍ ଅ.ସ ନିଜ ଅନୁଗାମୀମାନଙ୍କ ମଧ୍ୟରେ ଦେଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହା କେଡ଼େ ସୁନ୍ଦର କଥା ଆପଣ ଅ.ସ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ମଧ୍ୟରେ ଦୋଷ ଦୁର୍ବଳତା ରହିଛି ତେବେ ସେହି ବ୍ୟକ୍ତି ଆଧ୍ୟାତ୍ମିକ ରୂପେ ରୁଗ୍‌ଣ ଏବଂ ଅସୁସ୍ଥ ଅଟେ । ତେଣୁ ମୁଁ ସେହି ବ୍ୟକ୍ତିର ଚିକିତ୍ସା କରିବି ଅବା କରାଇବି । ବର୍ତ୍ତମାନ ଉକ୍ତ କଥା କେବଳ ଅନ୍ୟମାନଙ୍କର ସଂଶୋଧନ ନିମନ୍ତେ ନୁହେଁ ବରଂ ନିଜର ସଂଶୋଧନ ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ଅଟେ । ଅନ୍ୟମାନଙ୍କ ଅପେକ୍ଷା ଆତ୍ମସଂଶୋଧନ ନିମନ୍ତେ ଉଦ୍ଦିଷ୍ଟ ଅଟେ । କାରଣ ଆଧ୍ୟାତ୍ମିକ ରୋଗୋର ଚିକିତ୍ସା ସେତେବେଳେ ହୋଇପାରିବ ଯେତେବେଳେ ବ୍ୟକ୍ତି ସ୍ୱୟଂ ସେହି ରୋଗରୁ ପବିତ୍ର ହୋଇଥିବ । ଅତଏବ୍ ସେହି ରୋଗରୁ ବର୍ତ୍ତିବା ନିମନ୍ତେ ଅନ୍ୟମାନଙ୍କର ଦୋଷ କାଢିବାରୁ ବର୍ତ୍ତିବାକୁ ହେବ । ନିଜର ମନକୁ ଅନ୍ୟମାନଙ୍କ ନିମନ୍ତେ କୋମଳ କରିବାକୁ ହେବ । ପ୍ରତ୍ୟେକ ପ୍ରକାରର ଗର୍ବ ତଥା ଅହଂ ଭାବକୁ ନିଜ ମଧ୍ୟରୁ କାଢି ଫିଙ୍ଗିବାକୁ ପଡ଼ିବ । ଅତଏବ୍ ଏହା ଉପରେ ଅତିଥି ସତ୍କାରକଙ୍କୁ ମଧ୍ୟ ଧ୍ୟାନ ଦେବା ଉଚିତ୍ ଏବଂ ଜଲ୍‌ସାରେ ସମ୍ମିଳିତ ହୋଇଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ବିଚାର କରିବା ଉଚିତ୍ । ଯଦି ପରସ୍ପରର ଦୋଷ ଦୁର୍ବଳତାକୁ ଅଣଦେଖା କରିବା ଏବଂ ଶାନ୍ତି, ସୌହାର୍ଦ୍ଦ୍ୟ ତଥା ସହାନୁଭୂତିର ପରିବେଶ ସୃଷ୍ଟି କରିବା ପାଇଁ ଉଦ୍ୟମ କରିବୁ ତାହାହେଲେ ଏହି ତିନି ଦିନ ମଧ୍ୟରେ ସେହି ଅଭିପ୍ରାୟକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇଯିବୁ ଯେଉଁଥିପାଇଁ ଆମେମାନେ ଏଠାରେ ଏକତ୍ରିତ ହୋଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବେଳେବେଳେ ସାଧାରଣ କଥା ଯୋଗୁଁ ବଚ୍‌ସା ଏବଂ ବିଦ୍ୱେଷାଭାବ ସୃଷ୍ଟି ହୋଇଯାଇଥାଏ ଓ ଏପରି ପରିବେଶ ହୋଇଯାଇଥାଏ ଯେ, ଲୋକମାନେ ପରସ୍ପରକୁ ଅପଶବ୍ଦ କହିବାକୁ ଲାଗି ପଡ଼ନ୍ତି । ବରଂ ମାଡ଼ପିଟ୍ ପର୍ଯ୍ୟନ୍ତ ପରିସ୍ଥିତି ସୃଷ୍ଟି ହୋଇଯାଇଥାଏ । ଯଦି ଏହିପରି ପରିବେଶ ରଖିବାର ଅଛି ଏବଂ ନିଜର ଆବେଗ ଉପରେ ନିୟନ୍ତ୍ରଣ ରଖିପାରୁ ନାହାନ୍ତି ତାହାହେଲେ ସେମାନେ ଜଲ୍‌ସାକୁ ଆସନ୍ତୁ ନାହିଁ । ସେହିପରି ଡିଉଟି ଦେଉଥିବା କର୍ମୀମାନେ ଯଦି ନିଜର ଆବେଗ ଉପରେ ନିୟନ୍ତ୍ରଣ ରଖିପାରୁ ନାହାନ୍ତି ତାହାହେଲେ ସେମାନେ ଡିଉଟି ଦିଅନ୍ତୁ ନାହିଁ । ବିଶେଷ କରି ଟ୍ରାଫିକ୍ ସଂପର୍କରେ ସବୁଠୁ ବେଶୀ ଅଭିଯୋଗ ଆସିଥାଏ । ପାର୍କିଂର ସୀମିତ ସ୍ଥାନ ରହିଛି । କାରଗୁଡ଼ିକର ସଂଖ୍ୟାନୁଯାୟୀ ପାର୍କିଂ କରିବାର ଅନୁମତି ପ୍ରଦାନ କରାଯାଇଥାଏ । ଏଥର ସମ୍ଭବତଃ ସର୍ବାଧିକ କାର ହେବ। ଯଦ୍ଦ୍ୱାରାକି ଜାଗା ନିଅଣ୍ଟ ମଧ୍ୟ ହୋଇଯିବ । ତେଣୁ କାରବାଲାଙ୍କୁ ଯେତେବେଳେ ଅନ୍ୟତ୍ର ଯିବାକୁ କୁହାଯିବ ସେତେବେଳେ ସହଯୋଗ କରି ପ୍ରତ୍ୟେକ ଅତିଥିଙ୍କୁ ଉକ୍ତ ସ୍ଥାନକୁ ଚାଲିଯିବା ଉଚିତ୍ । ସାଧାରଣତଃ ଅଲ୍ଲାଃତାଲାଙ୍କ କୃପାରୁ ଲୋକମାନେ ସହଯୋଗ କରିଥାଆନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଏପରି ସଂସ୍କାର ପ୍ରଦାନ କରାଯାଇଛି ଯେ, ସେମାନେ ସହଯୋଗ ମଧ୍ୟ କରିଥାଆନ୍ତି। କିନ୍ତୁ ଏପରି କେତେକ କ୍ରୋଧୀ ସ୍ୱଭାବର ବ୍ୟକ୍ତିମାନେ ଥାଆନ୍ତି ଯେଉଁମାନେ ଏହା କୁହନ୍ତି କି ଆମେମାନେ ଅନ୍ୟତ୍ର ପାର୍କିଂକୁ ଯିବା ଦ୍ୱାରା ଆମର କାର୍ଯ୍ୟକ୍ରମ ପୁରା ନଷ୍ଟ ହୋଇଯିବ । କାରଣ ଜଲ୍‌ସା ଗାହ୍ ପହଞ୍ଚିଲା ବେଳକୁ ଆମର ବିଳମ୍ବ ହୋଇଯିବ । ସେ ଯାହା ହେଉ ଏହିପରି ଲୋକମାନଙ୍କୁ ଏହା ଧ୍ୟାନ ରଖିବା ଉଚିତ୍ ଯେ, ଆୟୋଜକ ବ୍ୟବସ୍ଥାପକଙ୍କ ବିବଶତାକୁ ମଧ୍ୟ ବୁଝିବା ଉଚିତ୍ । ଯଦି ଜଲ୍‌ସାର ଏତେ ନିୟମାନୁବର୍ତ୍ତୀ ତେବେ ସମୟ ପୂର୍ବରୁ ଆସନ୍ତୁ । ଯେଉଁ ଡ଼ିଉଟି ଦେଲାବାଲା କର୍ମୀମାନେ ରହିଛନ୍ତି ସେମାନେ ମଧ୍ୟ ଲୋକମାନଙ୍କ ସହିତ କଳି ଝଗଡ଼ା କରିବା ପରିବର୍ତ୍ତେ ସେମାନଙ୍କୁ ପ୍ରେମର ସହିତ ବୁଝାଇବାକୁ ଚେଷ୍ଟା କରନ୍ତୁ ।"

ଅଲ୍ଲାଃତାଲା କରନ୍ତୁ କି ପାରସ୍ପାରିକ କଠୋର ବ୍ୟବହାରର ଗୋଟିଏ ଉଦାହରଣ ମଧ୍ୟ ସାମ୍ନାକୁ ଯେପରି ନଆସୁ । ଅଲ୍ଲାଃତାଲା ଅତିଥିମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ସେମାନେ ଯେକୌଣସି ବିଭାଗର କର୍ମୀଙ୍କୁ କୌଣସି ପ୍ରକାରର ପରୀକ୍ଷାରେ ଏବଂ ଧର୍ମ ସଂକଟରେ ପକାନ୍ତୁ ନାହିଁ ଏବଂ କର୍ମୀମାନଙ୍କର ଉତ୍ସାହକୁ ମଧ୍ୟ ଅଲ୍ଲାଃତାଲା ବୃଦ୍ଧି କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ଏହି ଦିନ ଆମମାନଙ୍କ ପାଇଁ ତରାନା ପଢିବାର, ପ୍ରେମର ଗୁଣ ଗାଇବାର ଦିନ ନହେଉ ବରଂ ଏହି ତିନି ଦିନର ସଂସ୍କାର ଦ୍ୱାରା ସେହି ଜାଗରଣ ସୃଷ୍ଟି ହେଉ ଯାହାକି ସମାଜରେ ପ୍ରେମ ତଥା ଆନ୍ତରୀକତାର ଏପରି ଏକ ବାତାବରଣ ସ୍ଥାପନ କରୁ ଯାହା ପ୍ରକୃତ ଇସ୍‌ଲାମୀୟ ସମାଜର ଅନନ୍ୟ ପରିଚୟ ରୂପେ ବିବେଚିତ ହେବ ।

ହ. ମସିହ୍ ମଉଦ୍ ଅ.ସ ବାରମ୍ବାର ବିଭିନ୍ନ ଅବସରରେ ଏହିପରି ପବିତ୍ର ଚିନ୍ତାଧାରା ପୋଷଣ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଯହିଁରେ କେବଳ ପୁଣ୍ୟ ଓ ପବିତ୍ରତା ବିଦ୍ୟମାନ ଥିବ । ଏକ ଅବସରରେ ଅତିଥିମାନଙ୍କୁ ସେମାନଙ୍କର କର୍ତ୍ତବ୍ୟର କର୍ତ୍ତବ୍ୟବୋଧ ପ୍ରତି ସଚେତନ କରାଇ, ଧ୍ୟାନ ଆକର୍ଷଣ କରି ଏବଂ ପବିତ୍ର ଚିନ୍ତାଧାରା ରଖିବାର ଧ୍ୟାନ ଆକର୍ଷଣ କରି ଆପଣ ଅ.ସ କୁହନ୍ତି: "ପୁଣ୍ୟକୁ କେବଳ ଏଇଥିପାଇଁ କରିବା ଉଚିତ୍ ଯେ, ପୁଣ୍ୟ କର୍ମ ସମ୍ପାଦନ କରିବା ଦ୍ୱାରା ପ୍ରଭୁ ପ୍ରସନ୍ନ ହେବେ ଏବଂ ପ୍ରଭୁଙ୍କ ଅନୁଗ୍ରହତା ବା ପ୍ରସନ୍ନତା ପ୍ରାପ୍ତି ଯେପରି ହେବ ଓ ତାହାଙ୍କ ଆଦେଶାବଳୀର ଆଜ୍ଞା ପାଳନ ହେବା ଉଚିତ୍ । ଏହାର ବିପରୀତ କହିବାକୁ ଗଲେ ଯେ, ପୁଣ୍ୟ କର୍ମ କରିବା ଦ୍ୱାରା ଯଦି ପ୍ରତିଫଳ ପ୍ରାପ୍ତ ହେଉ ବା ନହେଉ କିନ୍ତୁ ପୁଣ୍ୟ କର୍ମ ସମ୍ପାଦନ କରିବା ଉଚିତ୍ । ଅତଏବ୍ ଯେତେବେଳେ ଏହି ସନ୍ଦେହ, ଭ୍ରମ ହୃଦୟ ମଧ୍ୟରୁ ଦୂରୀଭୂତ ହୋଇଯାଏ ସେତେବେଳେ ବ୍ୟକ୍ତିର ବିଶ୍ୱାସ ପୂର୍ଣ୍ଣ ହୋଇଥାଏ ।

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଅର୍ଥାତ୍ ମନରେ ଏହି ଭାବନା ଯେପରି ନରହୁ କି ମୁଁ ଯେଉଁ କାର୍ଯ୍ୟ ବା ଯେଉଁ କର୍ମ କରିବି ତାହା କେବଳ ଫଳ ପ୍ରାପ୍ତିର ଆଶା ରଖି କରିବି । ନା । ବରଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ କର୍ମ ସମ୍ପାଦନ କରିବି । ବାସ୍ତବତା ଏହିକି ଯେ, ଅଲ୍ଲାଃତାଲା କୌଣସି ବ୍ୟକ୍ତିର ପୁଣ୍ୟକୁ ମଧ୍ୟ ଅବକ୍ଷୟ ହେବାକୁ ଦିଅନ୍ତି ନାହିଁ । إِنَّ اللّٰهَ لَا يُضِيْعُ اَجْرَ الْمُحْسِنِيْنَ **(ଅତ୍ ତୌବା: 120)** ବାସ୍ତବରେ ଅଲ୍ଲାଃତାଲା ହିତକାରୀ ଏବଂ ପୁଣ୍ୟ ସାଧନ କରୁଥିବା ବ୍ୟକ୍ତିମାନଙ୍କର ପୁଣ୍ୟକୁ କଦାପି ନଷ୍ଟ ଓ ଅବକ୍ଷୟ ହେବାକୁ ଦିଅନ୍ତି ନାହିଁ । ତେଣୁ ପୁଣ୍ୟ ସାଧନକାରୀ ବ୍ୟକ୍ତିକୁ କେବେ ବି ଫଳ ପ୍ରାପ୍ତିକୁ ଦୃଷ୍ଟି ସମ୍ମୁଖରେ ରଖିବା ଅନୁଚିତ୍ ଅଟେ ।"

ହୁଜୁର ଅ.ସ କୁହନ୍ତି: "ଦେଖ ! ଯଦି କୌଣସି ଅତିଥି ଏଠାକୁ ଆସିଥାଏ ଏବଂ ସେ ଏହା ଭାବି ଏଠାକୁ ଆସିଥାଏ ଯେ, ଏଠାରେ ତା'କୁ ଆରାମ ପ୍ରାପ୍ତ ହେବ, ଶୀତଳ ପାନୀୟ ଶର୍ବତ୍ ପ୍ରାପ୍ତ ହେବ, ଅମକ ଭୋଜନ ମିଳିବ ତେବେ ସେହି ବ୍ୟକ୍ତି ଏହିସବୁ ବସ୍ତୁର ଅଭିଳାଷୀ ହୋଇ ଏଠାକୁ ଆସିଥାଏ । କିନ୍ତୁ ଅତିଥି ସତ୍କାରକର ଏହି କର୍ତ୍ତବ୍ୟ ହୋଇଥାଏ ଯେ, ସେ ଯଥାସମ୍ଭବ ଅତିଥିମାନଙ୍କର ଅତିଥି ସତ୍କାର କରିବାରେ କୌଣସି ତ୍ରୁଟି ବିଚ୍ୟୁତି ପ୍ରଦର୍ଶନ ନକରୁ । ବରଂ ତା'କୁ ଆରାମ୍ ପ୍ରଦାନ କରୁ ଏବଂ ସେହି ଅତିଥି ସତ୍କାରକ ଉକ୍ତ ଅତିଥିକୁ ଆରାମ ମଧ୍ୟ ପ୍ରଦାନ କରିଥାଏ । କିନ୍ତୁ ଅତିଥିର ଏହିପରି ଚିନ୍ତାଧାରା ବା ଏପରି ବିଚାର କରିବା ଯାହାକି ଉପରୋକ୍ତ ପଂକ୍ତିମାନଙ୍କରେ ବର୍ଣ୍ଣନା କରାଯାଇଛି ତା' ପକ୍ଷେ କ୍ଷତିକାରକ ହୋଇଥାଏ ।"

**(ମଲ୍‌ଫୁଜାତ୍, ଭାଗ-2, ପୃ-371-372, ସଂସ୍କରଣ ବର୍ଷ-1984 ମସିହା)**

ଅତଏବ୍ ଏହା ହେଉଛି ସେହି ଚିନ୍ତାଧାରା ଯାହାକୁ ପ୍ରତ୍ୟେକ ଅତିଥିମାନଙ୍କୁ ସମ୍ମୁଖରେ ରଖିବା ଉଚିତ୍ । କେତେକ ଅତିଥିମାନେ ଯେଉଁମାନଙ୍କର ପ୍ରିୟଜନ ଏବଂ ଆତ୍ମୀୟ ସ୍ୱଜନମାନେ ନାହାନ୍ତି ସେମାନେ ଜମାଅତୀୟ ବ୍ୟବସ୍ଥାନୁଯାୟୀ ଏଠାରେ ଅବସ୍ଥାନ କରନ୍ତି । କିନ୍ତୁ ବେଳେବେଳେ ରହଣୀ ନିମନ୍ତେ ଏପରି ଡିମାଣ୍ଡ କରନ୍ତି ଯାହାକୁ ପୂରଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଥାଏ । ସେହିପରି ଅନ୍ୟ କେତେକ ସୁବିଧା ଉପଲବ୍ଧ ହୋଇପାରିବ ନାହିଁ । କାରଣ ଜଲ୍‌ସାର ବ୍ୟାପକ ବ୍ୟବସ୍ଥାରେ ଏହି ସବୁ ସୁବିଧା ସୁଯୋଗ ଉପଲବ୍ଧ କରାଇବା ସମ୍ଭବପର ନୁହେଁ । ସାଧାରଣତଃ ଲୋକମାନେ ବୁଝି ମଧ୍ୟ ନିଅନ୍ତି । ବର୍ତ୍ତମାନ ଦୁଇ ଦିନ ପୂର୍ବର କଥା ହେବ ମୋତେ ଏକ ବଂଶର ସଦସ୍ୟମାନେ ସାକ୍ଷାତ୍ କଲେ ଯେଉଁମାନେ ଆୟୋଜକଙ୍କୁ ବହୁ ପୂର୍ବରୁ ସୂଚନା ଦେଇ ଦେଇଥିଲେ ଯେ, ସେମାନଙ୍କ ରହଣୀ ନିମନ୍ତେ ବ୍ୟବସ୍ଥା କରି ଦିଆଯାଉ । କିନ୍ତୁ କୌଣସି ଭ୍ରମ ବଶତଃ ରହଣୀ ବ୍ୟବସ୍ଥା ହୋଇ ପାରିଲା ନାହିଁ ଯାହା ସେମାନେ ଚାହୁଁଥିଲେ । ତେଣୁ ସେମାନେ ନିଜର ବ୍ୟବସ୍ଥା ଅନ୍ୟ ସଂପର୍କୀୟଙ୍କ ଘରେ କରିନେଲେ । ଅତଏବ୍ ପ୍ରିୟଜନଙ୍କ ଘର ମଧ୍ୟ ବହୁତ ଛୋଟ ଥିଲା । ସେମାନେ ତଳେ ମ୍ୟାଟ୍ରେସେସ୍ (Mattresses) ପକାଇ କିମ୍ବା ବିଛଣା/ଶେଯ ପକାଇ ଶୋଇଯିବେ ଏବଂ ଅତିଥି ସତ୍କାରକ ଏବଂ ଅତିଥି ଦୁହିଁଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଥିବ । କିନ୍ତୁ ଏସବୁ ସତ୍ତ୍ୱେ ସେମାନେ ପ୍ରସନ୍ନ ଅଟନ୍ତି । କାରଣ ସେମାନେ ଜଲସା ତ' ଶୁଣିନେବେ ଏବଂ ସେମାନେ ଉକ୍ତ କଥାକୁ ହସି ହସି ମୋତେ ଜଣାଇଲେ । ସେମାନେ କୌଣସି ଅଭିଯୋଗ କଲେ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୋତେ ଏପରି ଅନେକ ଅତିଥିମାନେ ସାକ୍ଷାତ୍ କରନ୍ତି । କିନ୍ତୁ ଏପରି କେତେକ ଅତିଥି ମଧ୍ୟ ଭେଟ ହୁଅନ୍ତି ଯେଉଁମାନଙ୍କ ସ୍ୱଭାବ ସଂପର୍କରେ ଜାଣିବା ପରେ ପ୍ରତୀୟମାନ ହେଉଛି ଯେ, ସେମାନେ ଜମାଅତୀୟ ବ୍ୟବସ୍ଥା ଅଧୀନ ବା ଜମାଅତୀୟ ବ୍ୟବସ୍ଥା ଅନୁଯାୟୀ ରହିପାରିବେ ନାହିଁ । କିନ୍ତୁ ସେମାନେ ପ୍ରସନ୍ନ ଚିତ୍ତର ସହିତ ରହନ୍ତି । ଏସବୁ ସତ୍ତ୍ୱେ ମୋର ଚିନ୍ତାଧାରା ସେମାନଙ୍କ ଠାରୁ ସଂପୂର୍ଣ୍ଣ ବିପରୀତ ହୋଇଥାଏ । ମୋର ବିଚାରଧାରା ଏହା ହିଁ ହୋଇଥାଏ ଯେ, ସମ୍ଭବତଃ ଏହି ଅତିଥିମାନେ ଅନ୍ୟ ଘରେ ରହି ପାରିବେ ନାହିଁ । କିନ୍ତୁ ଅନେକ ଅତିଥିମାନେ ଏପରି ଅଛନ୍ତି ଯେ, ସେମାନେ ଆନନ୍ଦ ସହକାରେ ସେଠାରେ (ଅତିଥି ସତ୍କାରକଙ୍କ) ରୁହନ୍ତି । କିନ୍ତୁ ଏପରି ଅତିଥି ମଧ୍ୟ ଅଛନ୍ତି ଯେଉଁମାନେ ବହୁତ ଅଭିଯୋଗ କରିଥାଆନ୍ତି । ସେମାନେ ଯଦି ପ୍ରସନ୍ନ ହୃଦୟର ସହିତ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ଏହି ଦିନକୁ ଅତିବାହିତ କରି ନିଅନ୍ତି ତେବେ ଅଲ୍ଲାଃତାଲା ଅନ୍ୟ ଢଙ୍ଗରେ ଏବଂ ଅନ୍ୟ ଉପାୟରେ ମଧ୍ୟ ସେମାନଙ୍କୁ ପୁରସ୍କୃତ କରନ୍ତି । ବର୍ତ୍ତମାନ ଏଠାରେ ମଧ୍ୟ ଯେଉଁ ରହଣୀ ସ୍ଥଳୀ ରହିଛି, ଟେଣ୍ଟ୍ ରହିଥିଲା କିମ୍ବା ସାମୂହିକ ରହଣୀ ସ୍ଥଳ ରହିଥିଲା ମୋର ଏହି ମତ ରହିଛି ଯେ, ଅଧିକ ଲୋକଙ୍କ ଯୋଗୁଁ ସେହି ରହଣୀ ସ୍ଥଳ ଭର୍ତ୍ତି ହୋଇଯାଇଥିବ । ତେବେ ସମ୍ଭବତଃ ଏପରି ବ୍ୟବସ୍ଥା କରିବାକୁ ପଡ଼ିପାରେ ଯେଉଁଠି ସମୟ ନଥିବ ତେବେ ଏହି ବ୍ୟବସ୍ଥାକୁ ମଧ୍ୟ ଅତିଥିମାନଙ୍କୁ ପ୍ରସନ୍ନ ସହକାରେ ସହ୍ୟ କରିନେବା ଉଚିତ୍ । ସେ ଯାହା ହେଉ ଯେପରିକି ହ. ମସିହ୍ ମଉଦ୍ ଅ.ସ କହିଛନ୍ତି: "ଅତିଥି ସତ୍କାରକଙ୍କ ଏହି କର୍ତ୍ତବ୍ୟ ରହିଛି ଯଥାସମ୍ଭବ ଅତିଥିଙ୍କୁ ଆରାମ୍ ଏବଂ ଶାନ୍ତି ପ୍ରଦାନ କରିବା ଏବଂ ଅଲ୍ଲାଃତାଲା ଅତିଥିମାନଙ୍କୁ ସାଧାରଣ କଷ୍ଟକୁ ସହ୍ୟ କରିବା ଦ୍ୱାରା ସର୍ବୋତ୍କୃଷ୍ଟ ପ୍ରତିଫଳ ପ୍ରଦାନ କରନ୍ତୁ । ଏହାକୁ ମଧ୍ୟ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କ ଠାରୁ ପ୍ରତିଫଳ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ ମଧ୍ୟ କରିବା ଉଚିତ୍ । ସମାଜରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ସହିତ ରହିବା, ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ପରିବେଶ ସୃଷ୍ଟି କରିବା ଏବଂ ଶାନ୍ତି ତଥା ସୌହାର୍ଦ୍ଦ୍ୟ ପ୍ରସାରିତ କରିବା ନିମନ୍ତେ ଆଁହଜରତ ସ.ଅ କେଉଁ ଉପଦେଶ ଦେଇଛନ୍ତି ? ଏକଦା ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ସେବା କରିବାରେ ଉପସ୍ଥିତ ହେଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କେଉଁ ଇସ୍‌ଲାମ୍ ସବୁଠୁ ଉତ୍କୃଷ୍ଟ ଅଟେ ? ଆପଣ ସ.ଅ ଉତ୍ତର ଦେଲେ: ଅଭାବି ବ୍ୟକ୍ତିଙ୍କୁ ଆହାର ଖୁଆଅ ଏବଂ ପ୍ରତ୍ୟେକ ସେହି ବ୍ୟକ୍ତି ଯାହାକୁ ତୁମେ ଜାଣ ଅବା ନଜାଣ ତା'କୁ ସଲାମ୍ କୁହ । **(ସହିଉଲ୍ ବୁଖାରୀ, କିତାବୁଲ୍ ଇମାନ୍, ବାବୁଲ୍ ଆମ୍, ମିନଲ୍ ଇସଲାମ୍, ହଦିସ୍ ନଂ-12)**

ସମାଜରେ ପ୍ରେମ ଏବଂ ଭ୍ରାତୃତ୍ୱଭାବ ସୃଷ୍ଟି କରିବା ଏବଂ ଶାନ୍ତି ତଥା ସୌହାର୍ଦ୍ଦ୍ୟ ସ୍ଥାପନ କରିବା ନିମନ୍ତେ ଏହା ହେଉଛି ସେହି ସୁନ୍ଦର ନୀତି ଯାହାକୁ ଯଦି ଆପଣାଇ ନିଆଯାଏ ତେବେ ଏକ ଶାନ୍ତି, ସୌହାର୍ଦ୍ଦ୍ୟ ପ୍ରସାରିତକାରୀ ସମାଜ ସ୍ଥାପନ ହୋଇଥାଏ। ସଂସାରରେ ଅଧିକାଂଶ ଉପଦ୍ରବ ଏଇଥିପାଇଁ ସୃଷ୍ଟି ହେଉଛି ଯେ, ଦରିଦ୍ର ବ୍ୟକ୍ତି ଆହୁରି ଦରିଦ୍ର ହୋଇ ଚାଲିଛି । ଆଜି ମଧ୍ୟ କୋଟି କୋଟି ଲୋକମାନେ ଅଛନ୍ତି ଯେଉଁମାନଙ୍କୁ ଦୁଇ ଓଳି ରୁଟି ମୁଠାଏ ଭାତ ମଧ୍ୟ ମିଳିପାରୁ ନାହିଁ । ରୁଟି ଯଦି ଖାଆନ୍ତି ତେବେ ରହିବା ନିମନ୍ତେ ଘର ବା ବାସସ୍ଥାନ ନାହିଁ । ଯେଉଁ ରାଷ୍ଟ୍ରମାନେ ନିଜକୁ ଧନୀ ରାଷ୍ଟ୍ର ବୋଲି କହୁଛନ୍ତି ସେମାନଙ୍କ ମଧ୍ୟରେ ଏପରି କଥା ରହିଛି ଅର୍ଥାତ୍ ଏହି ରାଷ୍ଟ୍ରରେ ମଧ୍ୟ ଅର୍ଥାତ୍ ୟୁ.କେରେ ମଧ୍ୟ ଯାହାକୁ ଧନୀ ରାଷ୍ଟ୍ର କୁହାଯାଏ । ବର୍ତ୍ତମାନ ସେମାନଙ୍କର ଆଉ ଆଧିପତିତ୍ୱ ଅବସ୍ଥା ପୂର୍ବ ପରି ରହି ନାହିଁ । କିନ୍ତୁ ଅନେକ ରାଷ୍ଟ୍ର ଅପେକ୍ଷା ସେମାନଙ୍କ ଅବସ୍ଥା ଉତ୍ତମ ରହିଛି । ସହସ୍ରାଦ ଲୋକମାନେ ଏବଂ ପିଲାମାନେ ରାସ୍ତା ଉପରେ ପଡ଼ି ରହିଛନ୍ତି । ଅର୍ଥାତ୍ ମହଙ୍ଗା ମାଡ଼ ଯୋଗୁଁ ରୁଟି ମଧ୍ୟ ସଠିକ୍ ଭାବରେ ପ୍ରାପ୍ତ ହୋଇପାରୁ ନାହିଁ ଏବଂ ରହିବା ପାଇଁ ଘର ମଧ୍ୟ ଉପଲବ୍ଧ ହୋଇପାରୁ ନାହିଁ । ସୁତରାଂ ଇସ୍‌ଲାମ୍ ଧର୍ମର ଏହି ମୌଳିକ ଶିକ୍ଷା ରହିଛି ଯେ, ଭୋକିଲା ବ୍ୟକ୍ତିକୁ ଭୋଜନ କରାଅ । ଏପରି ହୁଅନ୍ତା କି ମୁସଲମାନମାନେ ଉକ୍ତ ନୀତିକୁ ବୁଝନ୍ତେ ଏବଂ ସେମାନଙ୍କର ଶାସକମାନେ ନିଜ ପ୍ରଜାର ଅଧିକାର ସମ୍ପାଦନକାରୀ ବ୍ୟକ୍ତି ହୁଅନ୍ତେ ? ସେମାନେ କେବଳ ନିଜର ରାଜକୋଷକୁ ପୂରଣ କରିବାରେ ଲାଗି ପଡ଼ନ୍ତୁ ନାହିଁ । ବଂର ଅଭାବି, ଦରିଦ୍ର ଏବଂ ଆବଶ୍ୟକ ଲୋଡ଼ୁଥିବା ବ୍ୟକ୍ତିମାନଙ୍କର ଆବଶ୍ୟକତାକୁ ପୂର୍ଣ୍ଣ କରି ସମାଜରେ ଅଶାନ୍ତି ଏବଂ ଅନ୍ୟାୟକୁ ଦୂର କରନ୍ତୁ । ଆଜିକାଲି ଏହି ଅସ୍ଥିରତା, ଅଶାନ୍ତି ମଧ୍ୟ ସେହି କାରଣରୁ ଅନେକ ସ୍ଥାନରେ ପରିବ୍ୟାପ୍ତ ହୋଇଅଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସଲାମ୍ (ନମସ୍କାର) କୁହ । ସେ ଯାହା ହେଉ ଏହା ତ' ଥିଲା ଗୌଣ ପ୍ରସଙ୍ଗ, ନିଜର ସମାଜରେ ପ୍ରଥା ଜାରି କରିବା ପାଇଁ ଆପଣ ସ.ଅ ସଲାମ୍ କରିବା ନିମନ୍ତେ ଅନୁପ୍ରାଣିତ କରିଛନ୍ତି । ସଲାମ୍ କହିବା କେବଳ ମୁଁହ ଦ୍ୱାରା କହିଦେବା ନୁହେଁ । ବରଂ ଯେତେବେଳେ ଜଣେ ବ୍ୟକ୍ତି ହୃଦୟରୁ ସଲାମ୍ କହିଥାଏ ତେବେ ପୁନଶ୍ଚ ସଲାମ୍ ପହଞ୍ଚାଇବା, ପ୍ରସାରିତ କରିବାର ମଧ୍ୟ ବିଚାରଧାରା ନିଜ ମନ ଭିତରେ ପୋଷଣ କରିଥାଏ । ପରସ୍ପର ପାଇଁ ପୁଣ୍ୟ ଉତ୍ସାହ ଓ ପୁଣ୍ୟାବେଗ ମଧ୍ୟ ମନ ଭିତରେ ପୋଷଣ କରିଥାଏ, ଉକ୍ତ ବ୍ୟଥାକୁ ଦୂରୀଭୂତ କରିବାର ଉଦ୍ୟମ ଓ ଦୁଆ ମଦ୍ୟ କରିଥାଏ । ଅତଏବ୍ ସେହି ଦୁହିଁଙ୍କ ମଧ୍ୟରେ ପ୍ରତ୍ୟେକ ଅହେମଦିଙ୍କୁ ଏଠାରେ ଶାନ୍ତିର ବାର୍ତ୍ତା ପ୍ରସାରିତ କରିବା, **ଅସ୍‌ସଲାମୁ ଅଲୈକୁମ୍**କୁ ସର୍ବସାଧାରଣରେ ପ୍ରଚଳନ କରିବା ନିମନ୍ତେ ଓ ନିଜ ମଧ୍ୟରେ ପରସ୍ପର ପ୍ରତି ପୁଣ୍ୟାବେଗ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଯେଉଁମାନଙ୍କ ଠାରୁ କୌଣସି ଲାଭ ପ୍ରାପ୍ତ ହେଉ ନାହିଁ ଲୋକମାନେ ସେମାନଙ୍କ ସହିତ ପ୍ରସନ୍ନ ହୃଦୟର ସହିତ ତ' ସାକ୍ଷାତ୍ କରି ନିଅନ୍ତି ଏବଂ ଉତ୍ସାହ ଏବଂ ଉଦ୍ଦୀପନା ଦ୍ୱାରା ସେମାନଙ୍କୁ ସଲାମ୍ ମଧ୍ୟ କରି ନିଅନ୍ତି । କିନ୍ତୁ ପ୍ରକୃତ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ସେତେବେଳେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ସ୍ଥାପନ ହୋଇଥାଏ ଯେତେବେଳେ ସେହି ଲୋକମାନଙ୍କ ହୃଦୟରେ ଅନ୍ୟମାନଙ୍କ ପ୍ରତି ବିଦ୍ୱେଷାଭାବ ରହିଛି ତାହା ଯେତେବେଳେ ଦୁରୀଭୂତ ହୋଇଯାଏ ଏବଂ ହୃଦୟର ସହିତ ପରସ୍ପର ପ୍ରତି ଶାନ୍ତିର ପ୍ରାର୍ଥନା (ଦୁଆ) ବାହାରିଥାଏ । ସୁତରାଂ ଉକ୍ତ ଜଲ୍‌ସାରେ ଏପରି ଲୋକମାନଙ୍କୁ ମଧ୍ୟ ନିଜର ବିଦ୍ୱେଷାଭାବକୁ ଦୂରୀଭୂତ କରି ଶାନ୍ତିର ବାର୍ତ୍ତା ପହଞ୍ଚାଇବା ନିମନ୍ତେ ପ୍ରୟାସ କରିବା ଉଚିତ୍ । ସାଧାରଣତଃ ଉକ୍ତ ପରିବେଶରେ ଶାନ୍ତିର ବାର୍ତ୍ତା ପହଞ୍ଚାଉଥିବା ଉଚିତ୍ । ଅଲ୍ଲାଃତାଲା ଆମମାନଙ୍କୁ ଏହା ଉପରେ କାର୍ଯ୍ୟାନୁସରଣ କରିବା ପାଇଁ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଜଲସାର ଏହି ପରିବେଶ ବା ମାହୋଲ ସଂପୂର୍ଣ୍ଣ ରୂପେ କେବଳ ଶାନ୍ତି ତଥା ସୌହାର୍ଦ୍ଦ୍ୟମୂଳକ ହୋଇଯାଉ ତାହା ନୁହେଁ । ବରଂ  ସର୍ବୋଚ୍ଚ ଉତ୍ତମ ଚରିତ୍ର ପ୍ରଦର୍ଶନ କରିବା ଏବଂ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା ଜୀବନର ଅଭିନ୍ନ ଅଙ୍ଗ ରୂପେ ବରଣ କରିନିଆଯାଉ ।ଜଲସାର ବ୍ୟବସ୍ଥା ଦୃଷ୍ଟିରୁ କେତେକ ଗୌଣ କଥା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରିଦେବାକୁ ଚାହୁଁଛି । ଏହି କଥାକୁ ପ୍ରତ୍ୟେକ ବ୍ୟକ୍ତି ଧ୍ୟାନ ରଖିବା ଉଚିତ୍ । ପ୍ରଥମତଃ ଏହିକି ଯେ, ଏହି ଉଦ୍ୟମ କରିବା ଉଚିତ୍ ଯେ, ଜଲ୍‌ସାର କାର୍ଯ୍ୟକ୍ରମକୁ ନୀରବତାର ସହିତ ଏବଂ ଧ୍ୟାନପୂର୍ବକ ଶୁଣିବା ଉଚିତ୍ । ଏପରି ନହେଉ ଯେ, କେତେକ ଭାଷଣ ଶୁଣିନେଲେ ଏବଂ ଆଉ କେତେକ ଭାଷଣ ଶୁଣିଲେ ନାହିଁ। ତତସଂକ୍ରାନ୍ତରେ ମୁଁ ପୂର୍ବେ ମଧ୍ୟ କହି ସାରିଛି ଯେ,  ଜଲ୍‌ସାରେ ଆସି ବସନ୍ତୁ । ହ. ମସିହ୍ ମଉଦ୍ ଅ.ସ ଉକ୍ତ କଥାକୁ କଠୋରତାପୂର୍ବକ ନାପସନ୍ଦ କରିଛନ୍ତି ଯେ, କେତେକ ବକ୍ତାମାନଙ୍କର ଭାଷଣକୁ ଶୁଣି ନିଆଯାଇଥାଏ ଏବଂ ସେମାନଙ୍କର ଅଗ୍ନି ରୂପକ ବର୍ଣ୍ଣନାତ୍ମକ ଶୈଳୀକୁ ପସନ୍ଦ କରାଯାଇଥାଏ ଏବଂ ଆଉ କେତେକ ବକ୍ତାଙ୍କ ଭାଷଣକୁ ଶୁଣିନ୍ତି ନାହିଁ । **(ମଲ୍‌ଫୁଜାତ୍, ଭାଗ-1, ପୃ-398-401ରୁ ଉଦ୍ଧୃତ)**

ବକ୍ତାମାନେ କଠିନ ପରିଶ୍ରମ କରି ଭାଷଣ ପ୍ରସ୍ତୁତ କରି ଥାଆନ୍ତି । ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଆଧ୍ୟାତ୍ମିକ ଏବଂ ଶୈକ୍ଷିକ ପରିବେଶରୁ ଲାଭାନ୍ୱିତ ହେବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ପୁନଶ୍ଚ ଜଲ୍‌ସା ଦିନମାନଙ୍କରେ ଈଶ୍ୱର ଚର୍ଚ୍ଚା, ଦୁରୁଦ୍ ଶରୀଫ୍ ପାଠ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ସେମିତି ଦେଖିବାକୁ ଗଲେ ଆଜିକାଲି ତ' ମୁହରମ୍ ମାସ ଚାଲିଛି ଏବଂ ଆଜି 10 ମୁହରମ୍ ମଧ୍ୟ ଅଟେ । ଏହି ଦିନମାନଙ୍କରେ ବିଶେଷ ରୂପେ ଦୁରୁଦ୍ ଶରୀଫ୍ ପାଠ କରିବା ଉଚିତ୍ ଏବଂ ଏହି ମନୋଭାବ ରଖି ଦୁରୁଦ୍ ଶରୀଫ୍ ପାଠ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ଏବଂ ଗାରିମାକୁ ଉଚ୍ଚତର କରି ଚାଲନ୍ତୁ । ଆପଣ ସ.ଅଙ୍କ ବାର୍ତ୍ତାକୁ ସଫଳତା ଏବଂ ଆପଣ ସ.ଅଙ୍କୁ ବିଜୟ ପ୍ରଦାନ କରନ୍ତୁ । ଆପଣ ସ.ଅଙ୍କ ଧର୍ମ ବିଧାନକୁ ସ୍ଥାୟୀତ୍ୱ ଏବଂ ମହତ୍ତ୍ୱ ପ୍ରଦାନ କରନ୍ତୁ । ଆପଣ ସ.ଅଙ୍କ ସଂପ୍ରଦାୟର ସପକ୍ଷରେ ଆପଣ ସ.ଅଙ୍କର ଦୁଆକୁ ଗ୍ରହଣ କରି ତହିଁରୁ ଆମେମାନେ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଉକ୍ତ ସଂପ୍ରଦାୟକୁ ପ୍ରତ୍ୟେକ ପ୍ରକାରର ବିଶୃଙ୍ଖଳାରୁ ସୁରକ୍ଷିତ ରଖନ୍ତୁ ।

ଆଜି ମୁସଲମାନମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମର କ'ଣ କିଛି କରୁ ନାହାନ୍ତି ? ଇସ୍‌ଲାମ୍ ଧର୍ମକୁ ସେମାନେ ବଦ୍‌ନାମ କରିଦେଇଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ଯୁଗାବତାର ତଥା ଯୁଗର ଧର୍ମାଧ୍ୟକ୍ଷଙ୍କୁ ମଧ୍ୟ ସ୍ୱୀକାର କରନ୍ତୁ । **ଆମିନ୍** । ଜୁମା ଦିନ (ଶୁକ୍ରବାର) ଦୁଆ ସ୍ୱୀକୃତ ହୋଇଥାଏ । ଉକ୍ତ କଥାକୁ ସ୍ମରଣ ରଖନ୍ତୁ । ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ନାମ ନେଇ ସେହି ନାମକୁ ମାତ୍ର ବିଦ୍ୱାନ୍‌ମାନେ ଆଜିର ଦିନରେ ଆପଣ ସ.ଅଙ୍କ ଆଧ୍ୟାତ୍ମିକ ଏବଂ ଶାରୀରିକ ଗୋଷ୍ଠୀ (ପରିବାର) ଉପରେ ଅତ୍ୟାଚାର କରିଥିଲେ। ବର୍ତ୍ତମାନ ଏହି ବିରୋଧୀମାନେ ଏବଂ ନାମକୁ ମାତ୍ ବିଦ୍ୱାନ୍‌ମାନେ ଆପଣ ସ.ଅଙ୍କ ଆଧ୍ୟାତ୍ମିକ ପରିବୋର, ମସିହ୍ ମଉଦ୍ ଅ.ସ ଓ ତାଙ୍କର ଜମାଅତ୍ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି । ପାକିସ୍ତାନରେ ଆଜିକାଲି ଅତ୍ୟନ୍ତ କଷ୍ଟଦାୟକ ପରିସ୍ଥିତି ରହିଛି । ପ୍ରତ୍ୟେକ ପାର୍ଶ୍ୱରେ ବିରୋଧୀ ଜମାଆତ୍‌କୁ କ୍ଷତି ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି ଏବଂ କୁହନ୍ତି ଯେ, ଆମେମାନେ ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଯୋଗୁଁ ଏପରି କରୁଛେ । ଅହେମଦିମାନେ ନାଉଜୁ ବିଲ୍ଲାଃ ଆଁହଜରତ ସ.ଅଙ୍କର ତିରସ୍କାର କରୁଛନ୍ତି । ଅପରପକ୍ଷେ ଆମମାନଙ୍କର ବିଶ୍ୱାସର ଭିତ୍ତି ହିଁ ଆଁହଜରତ ସ.ଅଙ୍କ ଆଦେଶାବଳୀକୁ ପାଳନ କରି ଆଗତ ମସିହ୍ ଓ ମେହ୍‌ଦୀଙ୍କୁ ସ୍ୱୀକାର କରିଛେ । ହ. ମସିହ୍ ମଉଦ୍ ଅ.ସଙ୍କ ଆଁହଜରତ ସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମର ସ୍ତର କିପରି ଥିଲା ? ସେହି କାରଣରୁ ଅଲ୍ଲାଃତାଲା ଆପଣ ଅ.ସଙ୍କୁ କିପରି ପୁରସ୍କୃତ କଲେ, ତତ୍‌ସମ୍ବନ୍ଧରେ ଆପଣ ଅ.ସ କୁହନ୍ତି: "ଏକଦା ସଂଯୋଗ ବଶତଃ ମୁଁ ଦୁରୁଦ୍ ଶରୀଫ୍ ପାଠ କରିବାରେ ଅର୍ଥାତ୍ ଆଁହଜରତ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରିବାରେ ଏକ ଦୀର୍ଘ କାଳ ପର୍ଯ୍ୟନ୍ତ ନିମଜ୍ଜିତ ରହିଲି । କାରଣ ମୋର ଏହି ବିଶ୍ୱାସ ରହିଥିଲା ଯେ, ଅଲ୍ଲାତାଲାଙ୍କ ମାର୍ଗ ଅତ୍ୟନ୍ତ ସୂକ୍ଷ୍ମ ମାର୍ଗ ଅଟେ। ତାହା ଆଁହଜରତ ସ.ଅଙ୍କ ମାଧ୍ୟମ ଏବଂ ସୁପାରିଶ୍ ବିନା ପ୍ରାପ୍ତ ହୋଇ ପାରିବ ନାହିଁ। ଯେପରିକି ଅଲ୍ଲାଃତାଲା କୁହନ୍ତି: وَابْتَغُوْٓا اِلَيْهِ الْوَسِيْلَةَ **(ଅଲ୍ ମାଏଦା: 36)** ଅର୍ଥାତ୍ ଅଲ୍ଲାଃତାଲାଙ୍କର ମାର୍ଗ ଅନ୍ୱେଷଣ କରିବାକୁ ଉପାୟ କର। ସେତେବେଳେ ଏକ ଦୀର୍ଘ କାଳ ପରେ ସ୍ୱପ୍ନୀଳ ତଥା ତନ୍ଦ୍ରାବସ୍ଥାରେ ମୁଁ ଦେଖିଲି ଯେ, ଦୁଇଟି ମୁଦ୍ରା ଏବଂ ବ୍ୟକ୍ତିମାନେ ଜଳ ଧରି ଆସିଛନ୍ତି । ସେହି ଦୁଇ ଜଣ ବ୍ୟକ୍ତି ମଧ୍ୟରୁ ଜଣେ ବ୍ୟକ୍ତି ଆଭ୍ୟନ୍ତରୀଣ ମାର୍ଗ ଦେଇ ଏବଂ ଅନ୍ୟ ଜଣେ ବାହ୍ୟ ମାର୍ଗ ଦେଇ ମୋ ଘରେ ପ୍ରବେଶ କରୁଛନ୍ତି ଏବଂ ସେମାନଙ୍କ କାନ୍ଧ ଉପରେ ଆଲୋକ ଥଳୀ ବିଦ୍ୟମାନ ରହିଛି । ସେମାନେ ଜଳ ଧରି ନାହାନ୍ତି ବରଂ ଆଲୋକ ଥଳୀ ଧାରଣ କରିଛନ୍ତି ଏବଂ କହୁଛନ୍ତି, هٰذَا بِمَا صَلَّيْتَ عَلٰى مُحَمَّدٍ ଅର୍ଥାତ୍ ଆଲୋକାବଳୀର ଏହି ସମସ୍ତ ପୁରସ୍କାର ଏଇଥିପାଇଁ ଯେ, ତୁମେ ମୁହମ୍ମଦ ସ.ଅଙ୍କ ଉପରେ ଦୁରୁଦ୍ ପ୍ରେରଣ କରୁଅଛ । ସୁତରାଂ ଏହା ଆପଣ ସ.ଅଙ୍କ ପ୍ରେମାବସ୍ଥା ଥିଲା ଏବଂ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଏହିପରି ଭାବରେ ସମ୍ମାନିତ ମଧ୍ୟ କଲେ । ସୁତରାଂ ଆପଣ ଅ.ସ ଅନେକ ସ୍ଥାନରେ ଉକ୍ତ କଥାର ପରିପ୍ରକାଶ କରିଛନ୍ତି ଯେ, ମୁଁ ଯାହା କିଛି ପାଇଅଛି ତାହା ଆଁହଜରତ୍ ସ.ଅଙ୍କ ମାଧ୍ୟମରେ ଏବଂ ଆପଣ ସ.ଅଙ୍କ ଉପରେ ଦୁରୁଦ୍ ପ୍ରେରଣ କରି ଆପଣ ସ.ଅଙ୍କ ପ୍ରେମରେ ନିମଜ୍ଜିତ ହେବା ଦ୍ୱାରା ମୋତେ ପ୍ରାପ୍ତ ହୋଇଛି । ଅତଏବ୍ ତୁମେମାନେ ମୋତେ ଆଁହଜରତ ସ.ଅଙ୍କ ଠାରୁ କିପରି ଭିନ୍ନ ଅସ୍ତିତ୍ୱ ବୋଲି ମନେକରୁଛ ।"

ହୁଜୁର ଅନୱର୍ ଅ.ବ କହିଲେ ସେ ଯାହା ହେଉ ଏହି ଦିନମାନଙ୍କରେ ଈଶ୍ୱର ଚର୍ଚ୍ଚା ସହିତ ବିଶେଷ ରୂପେ ଦୁରୁଦ୍ ପ୍ରେରଣ କରିବା ପ୍ରତି ଧ୍ୟାନ ଦିଅନ୍ତୁ। ଅଲ୍ଲାଃତାଲା ଯଥାଶୀଘ୍ର ସେହି କଲ୍ୟାଣଗୁଡ଼ିକୁ ସମଗ୍ରେ ସଂସାରରେ ପ୍ରସାରିତ କରି ଦିଅନ୍ତୁ ଯାହାର ପ୍ରତିଶୃତି ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସହିତ କରିଛନ୍ତି । ଜଲ୍‌ସା ଗାହ୍‌ରେ ବିଶେଷ ରୂପେ ମହିଳାମାନେ ଉକ୍ତ କଥାର ବିଶେଷ ଧ୍ୟାନ ଦିଅନ୍ତୁ ଯେ, କେତେକ କଥାକୁ ବୁଝୁଥିବା ପିଲାମାନଙ୍କୁ ଉକ୍ତ କଥା ପ୍ରତି ସଚେତନ କରାନ୍ତୁ ଯେ, ସେମାନେ ଜଲସାର କାର୍ଯ୍ୟକ୍ରମ ସମୟରେ ନୀରବତାର ସହିତ ବସିବେ। ବାଲ୍ୟବସ୍ଥାର ସଂସ୍କାର ହିଁ ମସ୍ତିଷ୍କରେ ବସା ବାନ୍ଧିଥାଏ । ଯେଉଁ ମହିଳାମାନେ ପିଲାମାନଙ୍କ ସ୍ଥାନରେ ବସୁଛନ୍ତି ସେମାନେ ମଧ୍ୟ ଉଦ୍ୟମ କରନ୍ତୁ ଯେ, ସେମାନେ କମ୍ କଥାବାର୍ତ୍ତା କରନ୍ତୁ ଏବଂ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବା ପ୍ରତି ଧ୍ୟାନ ଦିଅନ୍ତୁ । ଏହି ଅଭିଯୋଗ ମଧ୍ୟ ହୋଇଛି ଯେ, ପିଲାମାନେ ସ୍ୱଳ୍ପ ପାଟିତୁଣ୍ଡ କରନ୍ତି । ମହିଳାମାନେ ପରସ୍ପର ମଧ୍ୟରେ ପିଲାମାନଙ୍କର ବାହାନା କରି ଅଧିକ କଥାବାର୍ତ୍ତା କରୁଛନ୍ତି । ତେଣୁ ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ । ଏହିପରି ଭାବରେ ସିକ୍ୟୁରିଟି (ସୁରକ୍ଷା) ଦୃଷ୍ଟିରୁ ମଧ୍ୟ ପୁରୁଷ ଏବଂ ମହିଳା ଜଲ୍‌ସା ଗାହ୍‌ରେ ପ୍ରତ୍ୟେକ ଅଂଶ ଗ୍ରହଣକାରୀଙ୍କୁ ନିଜର ଆଖପାଖ ଏବଂ ଚତୁର୍ପାର୍ଶ୍ୱରେ ନଜର ରଖିବା ଉଚିତ୍ । ଉକ୍ତ କଥା ମଧ୍ୟ ସିକ୍ୟୁରିଟର ଏକ ବୃହତ୍ ମାଧ୍ୟମ ଅଟେ ଏବଂ ଏହିପରି ଯେଉଁ ମାର୍ଗଦର୍ଶିକା ଆପଣମାନଙ୍କ କାର୍ଯ୍ୟକ୍ରମରେ ଉଲ୍ଲିଖିତ ହୋଇଛି ସେଗୁଡ଼ିକୁ ମଧ୍ୟ ଧ୍ୟାନପୂର୍ବକ ପାଠ କରନ୍ତୁ ଏବଂ ଏହା ଉପରେ କାର୍ଯ୍ୟାନୁସରଣ କରନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କୁ ଜଲସାରୁ ଉତ୍ତମ ରୂପେ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ପ୍ରତ୍ୟେକ ପ୍ରକାରର ଉରପଦ୍ରବ ତତା ବିଶୃଙ୍ଖଳାରୁ ଅଲ୍ଲାଃତାଲା ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ନିଜ କୃପାର ଏବଂ ଦୟାର ବୃଷ୍ଟି ଆମ ଉପରେ ଅବତୀର୍ଣ୍ଣ କରୁ ଥାଆନ୍ତୁ । ଆମିନ୍ ।

☆☆☆

## ପବିତ୍ର କୁରଆନ୍ କରୀମରେ ବ୍ୟବହୃତ 'ନାର୍' ଶବ୍ଦ ସଂପର୍କରେ କିଛି ଜ୍ଞାତବ୍ୟ କଥା

ଆରବୀ ଭାଷାରେ **'ନାର୍'** ଶବ୍ଦ ଯୁଦ୍ଧ ପାଇଁ ମଧ୍ୟ ବ୍ୟବହୃତ ହୁଏ । ତେଣୁ ପବିତ୍ର କୁରଆନ୍ କରୀମ୍‌ର ସୁରାଃ ବକ୍ରାହ୍‌ର ଆୟତ୍ ନଂ-18ରେ ଅଲ୍ଲାଃତାଲା କୁହନ୍ତି ଯେ, ମୁନାଫିକ୍ ବା କପଟ ବିଶ୍ୱାସୀମାନେ ମୁସଲମାନମାନଙ୍କୁ ପରାଜିତ କରାଇବା ଉଦ୍ଦେଶ୍ୟରେ ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଦେଲେ । କିନ୍ତୁ ଯୁଦ୍ଧର ପରିଣାମ ବିପରୀତ ହେଲା, ଅର୍ଥାତ୍ ମୁସଲମାନମାନେ ଯୁଦ୍ଧରେ ଜୟଲାଭ କଲେ ଏବଂ ଅଲ୍ଲାଃ କପଟ ବିଶ୍ୱାସୀମାନଙ୍କୁ ଏପରି ଅବସ୍ଥାରେ ଛାଡ଼ିଦେଲେ ଯେ, ସେମାନେ ଏହି ବିଷମ ସମସ୍ୟାରୁ ମୁକ୍ତି ପାଇବା ସକାଶେ କୌଣସି ପଥ ପାଇ ପାରିଲେ ନାହିଁ ଏବଂ ଅନ୍ଧ ଭଳି ଏଣେତେଣେ ବିଭ୍ରାନ୍ତ ହେଉଥିଲେ ।

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

# (ଖୁତ୍‌ବା ଜୁମା)

ଅଲ୍ଲାଃତାଲା କରନ୍ତୁ କି ଉକ୍ତ ଜଲ୍‌ସାର ଏପରି ଫଳାଫଳ ପ୍ରାପ୍ତ ହେଉ ଯାହାକି ଅହେମଦିମାନଙ୍କ ଜୀବନକୁ ମଧ୍ୟ ସର୍ବଦା ପାଇଁ ଅଲ୍ଲାଃତାଲାଙ୍କ ସହିତ ସଂଶ୍ଳିଷ୍ଟ କରିବାକୁ ସକ୍ଷମ ହେବ । ଲୋକମାନଙ୍କର ବିଶ୍ୱାସ ଏବଂ ଆସ୍ଥାରେ ଅଭିବୃଦ୍ଧି ଘଟୁ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟକୁ ଚରିତାର୍ଥକାରୀ ରୂପେ ବିବେଚିତ ହେଉ ।

ଅଲ୍ଲାଃତାଲା ତ' ଆମମାନଙ୍କର ଦୋଷ ଦୁର୍ବଳତାକୁ ଅଣଦେଖା କରି ଏତେ ଅଧିକ ଏବଂ ଏପରି ମାଧ୍ୟମ ତଥା ପନ୍ଥା ଦ୍ୱାରା ଆମମାନଙ୍କୁ ପୁରସ୍କୃତ କରିଥାଆନ୍ତି ଯେ, ଆମେମାନେ କଦାପି ତାହାଙ୍କ କୃତଜ୍ଞତାର କର୍ତ୍ତବ୍ୟକୁ ନିର୍ବାହ କରିପାରିବୁ ନାହିଁ ।

କୃତଜ୍ଞତା ଜ୍ଞାପନ କରିବା ଆମମାନଙ୍କର କର୍ତ୍ତବ୍ୟ ଅଟେ, ଅଲ୍ଲାଃତାଲାଙ୍କ ଠାରୁ ପୁରସ୍କାର ପ୍ରାପ୍ତ ହେବା ପରେ ତାହାଙ୍କ ସମ୍ମୁଖରେ ନତ ମସ୍ତକ ହୋଇଯିବା ଆମମାନଙ୍କର କାର୍ଯ୍ୟ ଅଟେ । ଯେପର୍ଯ୍ୟନ୍ତ ଆମେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଚାଲିଥିବୁ । ପ୍ରତ୍ୟେକ ସଫଳତାକୁ ଅଲ୍ଲାଃତାଲାଙ୍କର କୃପା ମନେକରି କାର୍ଯ୍ୟ କରୁଥିବୁ । ଆମମାନଙ୍କର ପାଦ ଇନ୍‌ଶାଅଲ୍ଲାଃ ଆଗକୁ ଅଗ୍ରସର ହେଉଥିବ ।

ମୁଁ କର୍ମୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଦେବାକୁ ଚାହୁଁଛି.......ଅଲ୍ଲାଃତାଲା ସେହି ସମସ୍ତ କର୍ମୀମାନଙ୍କୁ ଏହାର ପ୍ରତିଫଳ ପ୍ରଦାନ କରନ୍ତୁ.....ସବୁଠୁ ବେଶୀ ଏମ୍.ଟି.ଏ ଏଥର ସଂସାରରେ ନୂତନ ଢଙ୍ଗରେ ସଂସାରବାସୀଙ୍କୁ ଜଲ୍‌ସା ସାଲାନା ସହିତ ଯୋଡ଼ିଛି ।

ଯେଉଁ ବସ୍ତୁ ମୋତେ ସବୁଠୁ ବେଶୀ ପ୍ରଭାବିତ କରିଛି, ହଜାର ହଜାର ବ୍ୟକ୍ତିମାନେ ଏକ ସମ୍ମିଳିତ ଉଦ୍ଦେଶ୍ୟ ସକାଶେ ଏକ ସ୍ଥାନରେ ଏକତ୍ରିତ ହୋଇଛନ୍ତି, ଜଣେ ଧାର୍ମିକ ଗୁରୁଙ୍କ ଆଖପାଖରେ ଏକତ୍ରିତ ହୋଇଛନ୍ତି । ସମସ୍ତେ ଏକ ଅଟନ୍ତି । ସମସ୍ତଙ୍କ ଲକ୍ଷ୍ୟ ଏକ ଅଟେ.....ଜମାଅତ୍ ଅହେମଦିୟାରେ ଯେଉଁ ଖିଲାଫତ୍‌ର ବ୍ୟବସ୍ଥା ରହିଛି ତାହା ଏଭଳି ଏକ ବ୍ୟବସ୍ଥା ଯହିଁରୁ ସଂସାର ଉଚିତ୍ ଶିକ୍ଷା ପ୍ରାପ୍ତ କରିପାରିବ । (ପ୍ରଫେସର ଡାକ୍ତର, ଜିୟାଲୁଙ୍କାଁ, ବୁର୍କିନାଫାସୋ)

---

ନିଃସନ୍ଦେହ ଏହି ଜଗତର ଭବିଷ୍ୟ ଅହେମଦିୟତ୍ ରହିଛି । ବେଲିୟଜ୍‌ର ସହରର ଜଣେ ମେୟର୍ ।

ଏଠାକାର ସ୍ୱେଚ୍ଛାସେବୀମାନଙ୍କର Commitment ମୋତେ ଆଶ୍ଚର୍ଯ୍ୟଚକିତ କରି ରଖି ଦେଇଛି । ପ୍ରକୃତରେ ଏହା ଏକ ଐଶ୍ୱରିକ ଜମାଅତ୍ ଅଟେ ଏବଂ ଏହି ସମସ୍ତ କାର୍ଯ୍ୟ ଅଲ୍ଲାଃତାଲାଙ୍କ କୃପା ବ୍ୟତୀତ ସମ୍ଭବପର ହୋଇ ପାରିବ ନାହିଁ । (ମାଇକେଲ୍ ୱିଲସନ୍, ଘାନା)

ସୌଭାଗ୍ୟଶାଳୀ ହେଉଛନ୍ତି ସେହି କର୍ମୀମାନେ ଯେଉଁମାନେ ଏହିପରି ନୀରବ ପ୍ରଚାର କରୁଛନ୍ତି ।

ବିଭିନ୍ନ ସଂସ୍କୃତି ଏବଂ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିମାନେ ପରସ୍ପରକୁ ଏପରି ସାକ୍ଷାତ୍ କରୁଥିଲେ ଯେପରିକି ସେମାନେ ଗୋଟିଏ ବଂଶର ସଦସ୍ୟ ଅଟନ୍ତି..... ଖଲିଫତୁଲ୍ ମସିହ୍ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ କଥା ଶୁଣାଇଲେ ଏବଂ କହିଲେ ଏହାକୁ କର୍ଣ୍ଣପାତ କର ଏବଂ ଅନୁକରଣ କର ।

---

ଆଜି ଭୂପୃଷ୍ଠରେ ପ୍ରକୃତ ଭ୍ରାତୃତ୍ୱତାର ଜୀବନ୍ତ ନିଚ୍ଛକ ପ୍ରତିଛବି କେବଳ ଜମାଅତ୍ ଅହେମଦିୟାରେ ହିଁ ଦୃଶ୍ୟମାନ ହୁଏ । ଏଠାରେ ସମସ୍ତେ ସ୍ମିତହାସ୍ୟ ମୁଖମଣ୍ଡଳ ସହିତ ଜାତି, ବର୍ଣ୍ଣ ନିର୍ବିଶେଷରେ ପରସ୍ପରକୁ ଏପରି ଭେଟୁଥିଲେ ଯେପରି ସହସ୍ର ବର୍ଷ ହେଲା ସେମାନେ ପରସ୍ପରକୁ ଜାଣିଛନ୍ତି । (ସୂଚନା ମନ୍ତ୍ରାଳୟ,ଗ୍ୟାମ୍ବିୟା)

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଯାହା ମୁଁ ଜଲ୍‌ସାରେ ଅବଲୋକନ କଲି ତାହା ନମାଜ୍ ଥିଲା । (ମାର୍କୋ ସ୍କୁଟ୍‌ନି, ଇଟାଲୀ)

ମୁଁ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ଏକଥା କହୁଅଛି ଯେ, ଯେଉଁ ଶୃଙ୍ଖଳା ମୁଁ ଜଲ୍‌ସା ସମୟରେ ଅବଲୋକନ କରିଅଛି ତାହା ଆଜି ପର୍ଯ୍ୟନ୍ତ ଅବଲୋକନ କରି ନଥିଲି । ଅହେମଦିମାନଙ୍କର ଖଲିଫତୁଲ୍ ମସିହଙ୍କ ପ୍ରତି ଏପରି ଅନାବିଳ ପ୍ରେମକୁ ଶବ୍ଦରେ ବର୍ଣ୍ଣନା କରାଯାଇ ପାରିବ ନାହିଁ....... ଉକ୍ତ ଜଲ୍‌ସାରେ ମୁଁ ଯେଉଁ ବିଶେଷ କଥା ଅବଲୋକନ କଲି ତାହା ହେଉଛି ବଳିଦାନର ମନୋଭାବ । (ଗଭର୍ଣ୍ଣର୍ କୋଲଡ଼ା ରିଜନ୍, ସିନିଗାଲ୍)

---

ମୋତେ ଯେଉଁ କଥା ସବୁଠୁ ବେଶୀ ପ୍ରଭାବିତ କରିଥିଲା ତାହା ହେଉଛି ଜମାଅତ୍ ଅହେମଦିୟାର ପାରସ୍ପାରିକ ଏକତା ଏବଂ ସଂହତି...... ତାଙ୍କ ମତରେ ଆମ ଜମାଅତ୍‌ର ଜଲସାର ସଫଳତାର ରହସ୍ୟ ଆମମାନଙ୍କର ଏକତା ଅଟେ । ଏହି ଏକତା ଉପସ୍ଥିତ ଖଲିଫାଙ୍କ ମାଧ୍ୟମରେ ସ୍ଥାପିତ ହୋଇଛି । (ଡ. ନିସ୍ତର ସୋତୋ, ଚିଲି)

ଆଲମି ବୈଅତ୍ (ଆନ୍ତର୍ଜାତିକ ବୈଅତ୍)ର ଏହି ପନ୍ଥା ଆମମାନଙ୍କର ଉପାସନା ସହିତ ସାମଞ୍ଜସ୍ୟତା ରଖୁଛି । କିନ୍ତୁ ଯେପରି ଆଧ୍ୟାତ୍ମିକତା ମୁଁ ଆଲମି ବୈଅତ୍ ସମୟରେ ଅନୁଭବ କରିଥିଲି ସେହିପରି ଆଧ୍ୟାତ୍ମିକତା ମୁଁ ନିଜର ଉପାସନାରେ କେବେ ବି ଅନୁଭବ କରି ନାହିଁ । (Aly Bear, ଭାସ୍ ଚିଫ୍ ଏଣ୍ଡିଜିନସ୍ କମ୍ୟୁନିଟି, କାନାଡ଼ା)

ପୃଥିବୀ ବ୍ୟାପୀ ଜଲ୍‌ସା ସାଲାନା ବ୍ରିଟେନ୍ 2023 ମସିହାରେ ସାମିଲ୍ ହୋଇଥିବା ଅହେମଦି ଏବଂ ଅଣ ଅହେମଦି ଅତିଥିମାନଙ୍କର ପ୍ରତିକ୍ରିୟା, ଅନୁଭୂତି ଇତ୍ୟାଦି ପରିମାପକ ହିସାବରେ ଜଲସାର କଭରେଜ ।

ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 04 August 2023 ମସିହା ଅନୁଯାୟୀ ୦୪ ୱଫା /୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَ إِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: **ଅଲ୍‌ହମ୍‌ଦୁ ଲିଲ୍ଲାଃ,** ଅଲ୍ଲାଃତାଲାଙ୍କ କୃପାରୁ ବିଗତ ଜୁମା (ଶୁକ୍ରବାର) ଦିନ ଠାରୁ ରବିବାର ଦିନ ପର୍ଯ୍ୟନ୍ତ ଜମାଅତ୍ ଅହ୍‌ମଦିୟା ୟୁ.କେର ଜଲ୍‌ସା ସାଲାନା ସଫଳତାର ସହିତ ଆୟୋଜିତ ହେଲା ଏବଂ ସମ୍ପନ୍ନ ହେଲା । ବେଳେବେଳେ ପାଣିପାଗ ଖରାପ ହେବା ସତ୍ତ୍ୱେ ଅଲ୍ଲାଃତାଲାଙ୍କ କୃପାରୁ ସାମୂହିକ ରୂପେ ପ୍ରତ୍ୟେକ ଦୃଷ୍ଟିରୁ ପ୍ରତ୍ୟେକ ବ୍ୟବସ୍ଥା ବିନା କୌଣସି ବାଧା ବିଘ୍ନ ଜାରି ରହିଲା ଏବଂ ପୁନଶ୍ଚ ଚଳିତ ବର୍ଷ ଉପସ୍ଥାନ ସଂଖ୍ୟା ମଧ୍ୟ ବିଗତ ବର୍ଷ ତୁଳନାରେ ବେଶ୍ ଅଧିକ ଥିଲା ।

ଅଲ୍ଲାଃତାଲାଙ୍କର ଯେତେ ବି କୃଜ୍ଞତା ଜ୍ଞାପନ କରାଗଲେ ମଧ୍ୟ ତାହା ସ୍ୱଳ୍ପ ହେବ। ସେ ଆମମାନଙ୍କର ଉକ୍ତ ଜଲସାକୁ କଲ୍ୟାଣ ଦ୍ୱାରା ପରିପୂର୍ଣ୍ଣ କରିଦେଲେ ଏବଂ କଲ୍ୟାଣକୁ ପ୍ରତ୍ୟେକ ବ୍ୟକ୍ତି ଅର୍ଥାତ୍ ସେ ପଛେ ଅହେମଦି

ହୁଅନ୍ତୁ ଅବା ଅଣଅହେମଦି ହୁଅନ୍ତୁ ଯେଉଁମାନେ ବିଦାଶାଗତ ଥିଲେ ସମସ୍ତେ ଏହାକୁ ଅନୁଭବ ମଧ୍ଯ କରିଛନ୍ତି। ଆମେମାନେ ତ' ଦୁର୍ବଳ ଅଟୁ । ଅଲ୍ଲାଃତାଲାଙ୍କ କୃପାରୁ ଆମମାନଙ୍କର କାର୍ଯ୍ୟ ସମ୍ପାଦନ ହେଉଛି ଏବଂ ଅଲ୍ଲାଃତାଲାଙ୍କ କୃପା ବୃଷ୍ଟି ଜମାଅତ୍ ଉପରେ ଏପରି ହେଉଅଛି ଯାହାକୁ କଳନା କରିବା ସମ୍ଭବପର ନୁହେଁ । ଆମେମାନେ ତ' ଅଲ୍ଲାଃତାଲାଙ୍କ ସେହି କଥାକୁ ସବୁବେଳେ ଓ ସର୍ବଦା ଅବଲୋକନ କରିଥାଉ ଯେ, وَإِن تَعُدُّوا نِعْمَةَ اللَّهِ لَا تُحْصُوهَا إِنَّ اللَّهَ لَغَفُورٌ رَّحِيمٌ **(ଅନ୍ ନହଲ: 19)** ଏବଂ ଯଦି ତୁମେମାନେ ଅଲ୍ଲାଃତାଲାଙ୍କର କୃପାକୁ ଗଣନା କରିବାକୁ ଚେଷ୍ଟା କର ତେବେ ତୁମେମାନେ ତାହାକୁ କଦାପି ଗଣନା କରିପାରିବ ନାହିଁ । ବାସ୍ତବରେ ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସଦୟ ତଥା କରୁଣାମୟ । ଅତଏବ୍ ଅଲ୍ଲାଃତାଲା ଆମମାନଙ୍କର ଦୋଷ ଦୁର୍ବଳତାକୁ ଅଣଦେଖା କରି ଏତେ ଅଧିକ ଏବଂ ଏପରି ମାଧ୍ୟମରେ ଆମମାନଙ୍କୁ ପୁରସ୍କୃତ କରନ୍ତି ଯେ, ଆମେମାନେ କେବେ ବି ତାହାଙ୍କର କୃତଜ୍ଞତାର ଅଧିକାର ସମ୍ପାଦନ କରିପାରିବୁ ନାହିଁ । କିନ୍ତୁ ଅଲ୍ଲାଃତାଲା ଆମମାନଙ୍କୁ ଉକ୍ତ ଆଦେଶ ଦେଇଛନ୍ତି ଯେ, ତୁମେମାନେ ତାହାଙ୍କର କୃତଜ୍ଞତା ଜ୍ଞାପନ କରିଚାଲ ଏବଂ ତୁମେମାନେ ଯେତେବେଳେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରି ଚାଲିବ ସେତେବେଳେ ଅଲ୍ଲାଃତାଲା ମଧ୍ଯ ତୁମମାନଙ୍କୁ ପୁରସ୍କୃତ କରିଚାଲିବେ । ସୁତରାଂ କୃତଜ୍ଞତା ଜ୍ଞାପନ କରିବା ଆମମମାନଙ୍କର କର୍ତ୍ତବ୍ୟ ଅଟେ । ଅଲ୍ଲାଃତାଲାଙ୍କ ପୁରସ୍କାର ପ୍ରାପ୍ତ କରିବା ନିମନ୍ତେ ତାହାଙ୍କ ସମ୍ମୁଖରେ ମଥାନତ ହେବା ଆମମାନଙ୍କର କାର୍ଯ୍ୟ ଅଟେ । ଆମେମାନେ ଯେପର୍ଯ୍ୟନ୍ତ ନିଜର ଏହି କର୍ତ୍ତବ୍ୟ ସମ୍ପାଦନ କରିଚାଲିବୁ, ପ୍ରତ୍ୟେକ ସଫଳତାକୁ ଅଲ୍ଲାଃତାଲାଙ୍କର କୃପା ଏବଂ ଦୟା ବୋଲି ମନେକରି କାର୍ଯ୍ୟ କରିବୁ ସେପର୍ଯ୍ୟନ୍ତ ଆମେମାନେ ନିଜର ପାଦ **ଇନ୍‌ଶାଅଲ୍ଲାଃ** ଆଗକୁ ଅଗ୍ରସର ହେବୁ ।

ସୁତରାଂ ଉକ୍ତ ଜଲ୍‌ସାର ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଆମମାନଙ୍କୁ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ବ୍ୟବସ୍ଥା ଦୃଷ୍ଟିରୁ ଯେଉଁ ଦୁର୍ବଳତା ରହିଯାଇଛି ସେଥି ନିମନ୍ତେ ମଧ୍ଯ କ୍ଷମାମାର୍ଜନା କରିବା ଉଚିତ୍ । ସେହିପରି ଅଂଶଗ୍ରହଣକାରୀଙ୍କୁ ମଧ୍ଯ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଅର୍ଥାତ୍ ସେ ଆମମାନଙ୍କୁ ଯେଉଁ ସୁଯୋଗ ପ୍ରଦାନ କଲେ ଏବଂ ଆମେମାନେ ଜଲ୍‌ସାରେ ସାମିଲ୍ ହୋଇ ନିଜର ଆଧ୍ୟାତ୍ମିକ ଏବଂ ଶୈକ୍ଷିକ ତୃଷ୍ଣାକୁ ମେଣ୍ଟାଉ ଥିବୁ । ସାମୂହିକ ରୂପେ ସମସ୍ତ କାର୍ଯ୍ୟ ଅତି ସହଜରେ ହେଲା । ଏସବୁ ସତ୍ତ୍ବେ ଉକ୍ତ ଭୟ (କୋଭିଡ୍‌ର) ରୋଗ ବର୍ତ୍ତମାନ ସମାପ୍ତ ହୋଇ ନାହିଁ, ପ୍ରାୟତଃ ଏତେ ବିଶାଳ ସଂଖ୍ୟକ ସତ୍ତ୍ବେ ଅଲ୍ଲାଃତାଲା ସମସ୍ତଙ୍କୁ ସୁରକ୍ଷା ବଳୟ ମଧ୍ୟରେ ରଖିଲେ । ଅଲ୍ଲାଃତାଲା ପରେ ମଧ୍ଯ ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ । କେତେକ ଲୋକମାନଙ୍କୁ ଜଲ୍‌ସା ପରେ ତୁରନ୍ତ ନୁହେଁ ବରଂ ଜଲ୍‌ସା ଦୁଇ ତିନି ଦିନ ବିତିଯିବା ପରେ ଉକ୍ତ କୋଭିଡ୍ ରୋଗ ଆକ୍ରମଣ କରିଛି ଯଦ୍ଵାରାକି ସେମାନେ ଉକ୍ତ ରୋଗରେ ଆକ୍ରାନ୍ତ ହୋଇଯାଇଛନ୍ତି । ଅଲ୍ଲାଃତାଲା ସେହି ସମସ୍ତ ରୋଗୀଙ୍କୁ ନିରୋଗତା ଏବଂ ସୁସ୍ଥତାର ପ୍ରଦାନ କରନ୍ତୁ। ଏପରି ଖୁବ୍ ସ୍ୱଳ୍ପ ଲୋକ ଅଛନ୍ତି ଯେଉଁମାନେ ମୋ ଜ୍ଞାତ ସାରରେ ଉକ୍ତ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି ସେମାନେ ଜଲ୍‌ସା ଉପରେ କୌଣସି ପ୍ରଭାବ ପକାଇ ନାହାନ୍ତି । ବରଂ ସାମୂହିକତ ରୂପେ ସରକାରଙ୍କ ପକ୍ଷରୁ ଏହି ଘୋଷଣା ହୋଇଛି ଯେ, କେତେକ ସ୍ଥାନରେ କୋଭିଡ୍ ସଂଖ୍ୟା ବୃଦ୍ଧି ପାଇଛି । କିନ୍ତୁ ବର୍ତ୍ତମାନ ତାହା ଏପରି ଅଟେ ଯେପରିକି ଅନ୍ୟ ରୋଗ ବୃଦ୍ଧି ପାଇଥାଏ ଏବଂ ହ୍ରାସ ପାଇଥାଏ। ସେ ଯାହା ହେଉ ଅଲ୍ଲାଃତାଲା ପ୍ରତ୍ୟେକ ରୋଗୀକୁ ଆରୋଗ୍ୟ ଲାଭ ପ୍ରଦାନ କରନ୍ତୁ ।

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି । ଏଥର ସମସ୍ତେ ସାଧାରଣତଃ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ନିଜ ନିଜର କର୍ତ୍ତବ୍ୟ ସମ୍ପଦାନ କରିଛନ୍ତି ଏବଂ ଅସାଧାରଣ ଭାବରେ ସ୍ମିତହାସ୍ୟ ପ୍ରକାଶ କରି ଯେପରିକି ମୁଁ ପ୍ରାରମ୍ଭରେ କହିଥିଲି ଏବଂ ଅନୁପ୍ରାଣିତ କରିଥିଲି ଯେ, ଆପଣମାନେ ନିଜ ନିଜର ଡିଉଟି ସଠିକ୍ ରୂପେ ସମ୍ପାଦନ କରନ୍ତୁ । ଅଲ୍ଲାଃତାଲା ସେହି ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । **ଆମିନ୍** ।

ପ୍ରତ୍ୟେକ ବିଭାଗର କର୍ମୀମାନେ ନିଜ ବିଭାଗର କାର୍ଯ୍ୟକୁ ସଠିକ୍ ରୂପେ ସମ୍ପାଦନ କରିବାରେ ଏଥର ବିଶେଷ ରୂପେ ଅଭିଜ୍ଞତା ଦୃଶ୍ୟମାନ ହେଉଥିଲା । ଲଜ୍‌ନା ପକ୍ଷରୁ, ପୁରୁଷମାନଙ୍କ ପକ୍ଷରୁ ମଧ୍ଯ । ପ୍ରତ୍ୟେକ ବର୍ଷ ଲଜ୍‌ନା ପକ୍ଷରୁ ଖାଦ୍ୟ ଖୁଆଇବା ଏବଂ ଖାଦ୍ୟ ଉପଲବ୍ଧ ନହେବାର ଅଭିଯୋଗ ପ୍ରାପ୍ତ ହେଉଥିଲା । କିନ୍ତୁ ଏଥର ଉକ୍ତ ଅଭିଯୋଗ ନ କହିଲେ ଚଳେ । ଆହାର କେନ୍ଦ୍ର ଏବଂ ଅନ୍ୟ ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ନିମନ୍ତେ ଏଥର ସ୍ଥାନ ପରିବର୍ତ୍ତନ କରି ଗୋଟିଏ ସ୍ଥାନରେ ହିଁ ଲଜ୍‌ନାମାନଙ୍କୁ ସମସ୍ତ ସୁବିଧା ଉପଲବ୍ଧ କରିଦିଆଯାଇଥିଲା । ଏହାକୁ ମଧ୍ଯ ସାମୂହିକ ରୂପେ ମହିଳାମାନେ ପସନ୍ଦ କରିଛନ୍ତି । ଯଦି କୌଣସି ତ୍ରୁଟି କିମ୍ବା ବ୍ୟତ୍ୟୁତି ରହିଯାଇଛି ତେବେ ତାହାକୁ **ଇନ୍‌ଶାଅଲ୍ଲାଃ** ଆସନ୍ତା ବର୍ଷ ଦୂର କରିବା ପାଇଁ ପ୍ରୟାସ କରାଯିବ ।

ସେହିପରି ଟ୍ରାଫିକ୍ ବିଭାଗ ରହିଛି, ଆହାର ଖୁଆଇବା ବିଭାଗ ରହିଛି, ରୁଟି ପ୍ଲାଣ୍ଟ ରହିଛି, ସିକ୍ୟୁରିଟି ବିଭାଗ ରହିଛି । ସ୍ୱଚ୍ଛତା କାର୍ଯ୍ୟ ରହିଛି । ପୁନଶ୍ଚ ଏହାଠୁ ବଳି ଏମ.ଟି.ଏ ରହିଛି । ଏମ୍.ଟି.ଏ ଏଥର ସଂସାରରେ ନୂତନ ଢଙ୍ଗରେ ଜଲ୍‌ସାକୁ ସଂସାର ସହିତ ଯୋଡ଼ିଛି । ସେ ଯାହା ହେଉ ନା କାହିଁକି । ସମସ୍ତ ବିଭାଗରେ ଯାହାର ମୁଁ ନାମ ଧରିଛି ଅବା ଧରି ନାହିଁ ମହିଳା ଏବଂ ପୁରୁଷମାନେ ଅତ୍ୟନ୍ତ ପରିଶ୍ରମ ସହକାରେ ନିଜ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି । ସୁତରାଂ ସେହି ସମସ୍ତ କର୍ମୀମାନଙ୍କର ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ଆସିଥିବା ଅତିଥିମାନେ ମଧ୍ଯ ସମସ୍ତ କର୍ମୀମାନଙ୍କର ପରିଶ୍ରମ ଏବଂ ଉତ୍ତମ ଚରିତ୍ରକୁ ଦେଖି ଅସାଧାରଣ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ ଏବଂ ଏହା ଏକ ନୀରବ ଓ ବ୍ୟବହାରିକ ଉଦାହରଣ ଥିଲା ଯାହା ତବ୍‌ଲିଗ୍‌ର (ପ୍ରଚାରର) ମାଧ୍ୟମ ପାଲଟିଥାଏ । ଏହି ଉଦାହରଣ ଆମମାନଙ୍କର କର୍ମୀମାନଙ୍କ ମଧ୍ୟରେ ବିଦ୍ୟମାନେ ରହିଛି । ଅଲ୍ଲାଃତାଲା ସେହି ସମସ୍ତ କର୍ମୀମାନଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଜଲ୍‌ସା ସାଲାନା ବିଭାଗକୁ ମୁଁ କେବଳ ଗୋଟିଏ କଥା ପ୍ରତି ଧ୍ୟାନ ଆକର୍ଷଣ କରିଦେବାକୁ ଚାହୁଁଛି ଯେ, ଜଲ୍‌ସା ସମାପ୍ତ ହେବା କ୍ଷଣେ ଆପଣମାନେ ଜଳ ଯୋଗାଣ ସେବା ତୁରନ୍ତ ବନ୍ଦ କରି ଦେଉଛନ୍ତି ଯଦ୍ଵାରିକି ସ୍ନାନାଗାରରେ ଜଳ ଉପଲବ୍ଧ ହେଉ ନାହିଁ । ଅନ୍ତତଃ 12 ଘଣ୍ଟା ପର୍ଯ୍ୟନ୍ତ ଜଳ ଯୋଗାଣ ସେବା ଜାରି ରଖିବା ଉଚିତ୍ । ଏତଦ୍‌ଭିନ୍ନ ଅନ୍ୟ ସାମୂହିକ ବ୍ୟବସ୍ଥା ସବୁ ଅତ୍ୟୁତ୍ତମ ଥିଲା ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅଣଅହେମଦି ଏବଂ ଅଣମୁସଲମାନମାନେ ଯେଉଁମାନେ ବିଦେଶରୁ ଆସିଥିଲେ ତନ୍ମଧ୍ୟରେ ଅଧିକାଂଶ ବ୍ୟକ୍ତି ଅଣମୁସଲମାନ ଥିଲେ । ସେମାନଙ୍କର ଭାବାବେଗ କ'ଣ ରହିଥିଲା ? ଜଲ୍‌ସାର ବ୍ୟବସ୍ଥା ଏବଂ ଜଲ୍‌ସାକୁ ଦେଖି କିପରି ସେମାନେ ପ୍ରଭାବିତ ହେଲେ ଏହାର କେତେକ ସମାଲୋଚନା ମୁଁ ଉପସ୍ଥାପିତ କରି ଦେଉଛି । ସମସ୍ତ ସମାଲୋଚନା ଏବଂ ଟିପ୍ପଣୀ ଉପସ୍ଥାପିତ କରିବା ସମ୍ଭବପର ନୁହେଁ ।

ବୁର୍କିନାଫାସୋର ଜଣେ ଜଣାଶୁଣା ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡକ୍ଟର ଜିୟାଲୁ ଜାଁ (DJialo Jean) ଯେକି ମେଡ଼ିକାଲ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଅଟନ୍ତି ଏବଂ ଆର୍ମିରେ ଉପସ୍ଥିତ ସର୍ଭିସ୍ (ସେବା) କର୍ଣ୍ଣଲ୍ ଅଟନ୍ତି । ସେ ଆମ ଆଇ (ଚକ୍ଷୁ ଅନୁଷ୍ଠାନ) ଇନଷ୍ଟିଚ୍ୟୁଟକୁ ମଧ୍ଯ ଆସନ୍ତି । ସେ ପ୍ରଥମ ଥର କରି ଜଲ୍‌ସା ସାଲାନାରେ ଅଂଶ ଗ୍ରହଣ କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ସେ କୁହନ୍ତି, ତାଙ୍କୁ ଯେଉଁ ବସ୍ତୁ ସବୁଠୁ ବେଶୀ ପ୍ରଭାବିତ କରିଛି ତାହା ଏହିକି ଯେ, ହଜାର ହଜାର ସଂଖ୍ୟକ ଲୋକମାନେ ସାମୂହିକ ଉଦ୍ଦେଶ୍ୟ ସକାଶେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଛନ୍ତି। ଲୋକମାନେ ଧାର୍ମିକ ନେତା ବା ଧର୍ମଗୁରୁ ଆଖପାଖରେ ଏକତ୍ରିତ ହୋଇଛନ୍ତି । ସମସ୍ତଙ୍କ ଲକ୍ଷ୍ୟ ଓ ଅଭିପ୍ରାୟ ଏକ ଅଟେ ।

ପୁନଶ୍ଚ ଅସାଧାରଣ ବ୍ୟବସ୍ଥା କରିନେବା ଏବଂ ବିଭିନ୍ନ ଲୋକମାନଙ୍କର ଏକ ସ୍ଥାନରେ ଏକତ୍ରିତ ହେବା ଆଶ୍ଚର୍ଯ୍ୟକର ଘଟଣା ଅଟେ । ମୁଁ ସେହି ଲୋକମାନଙ୍କ ମଧ୍ୟରେ ମିଶିଗଲି ଏହା ଜାଣିବା ପାଇଁ ଯେ, ପ୍ରକୃତରେ କେବଳ କୃତ୍ରିମତା ତ' ନାହିଁ। କିନ୍ତୁ ଗୋଟିଏ ବ୍ୟକ୍ତିର ମୁଖରେ ବି ମୁଁ ଅତିଷ୍ଠତାର କୌଣସି ଭାବ ଦେଖିବାକୁ ପାଇଲି ନାହିଁ । ବିଭିନ୍ନ ଅଞ୍ଚଳ, ଜାତି ଓ ଦେଶର ବିଭିନ୍ନ ବିଭାଗ ସହିତ ଜଡ଼ିତ ଭିନ୍ନ ଭିନ୍ନ ସାମିଜିକେ ଶ୍ରେଣୀ ସହିତ ସଂପର୍କ ରଖିଥିବା ଲୋକମାନଙ୍କର ଏକ ଅଭିପ୍ରାୟ ସକାଶେ ଏକ ସ୍ଥାନରେ, ଏକେ ହସ୍ତରେ ଏକତ୍ରିତ ହୋଇଯିବା ଅସାଧାରଣ ଘଟଣା ଅଟେ । ସୁତରାଂ ଜଲ୍‌ସାରେ ସାମିଲ୍ ହୋଇଥିବା ଅହେମଦିମାନେ ମଧ୍ଯ ଏହିପରି ଅଣମୁସଲମାନ ଏବଂ ଅଣସଂପ୍ରଦାୟ ମଧ୍ୟରେ ବ୍ୟବହାରିକ ପ୍ରଚାର ମଧ୍ଯ କରୁଛନ୍ତି। ପୁନଶ୍ଚ ପ୍ରଫେସର ସାହେବ କୁହନ୍ତି ଯେ, ଭାଷଣର ସ୍ତର ଅତ୍ୟୁଚ୍ଚ ରହିଥିଲା। ଉକ୍ତ ଭାଷଣ ଆମମାନଙ୍କୁ ଶିକ୍ଷା ଦେବା ନିମନ୍ତେ, ଏକ ଉଦ୍ଦେଶ୍ୟ ସାଧାନ ନିମନ୍ତେ ଏବଂ ଏକ ଦିଗ ଉପଲବ୍ଧ କରିବା ନିମନ୍ତ ଦିଗଦର୍ଶନକାରୀ ରୂପେ ସହାୟକ ହେବ। ମୁଁ ଉପସ୍ଥିତ ଖଲିଫାଙ୍କର ମଧ୍ଯ ଭାଷଣ ଶୁଣିଲି, ପବିତ୍ର କୁରଆନୀୟ ଆୟତର

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ଚାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

ଚାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ପ୍ରକାଶରେ ଆପଣ ଯେଉଁ ଶିକ୍ଷା ବର୍ଣ୍ଣନା କଲେ ସେହି ଶିକ୍ଷାର ଆବଶ୍ୟକତା ବର୍ତ୍ତମାନ ସଂସାରବାସୀଙ୍କୁ ରହିଛି । ଅଲ୍ଲାଃତାଲାଙ୍କ ବାର୍ତ୍ତାକୁ ବୁଝିବା ଏବଂ ଉକ୍ତ ସନ୍ଦେଶକୁ ବୁଝିବା ନିମନ୍ତେ ଏଭଳି ଏକ ବ୍ୟକ୍ତିଙ୍କର ଆବଶ୍ୟକତା ରିହଛି ଯିଏ ସାହାଯ୍ୟ ମଧ୍ୟ କରିବେ । ଅତଃ ଜମାଅତ୍ ଅହେମଦିୟାରେ ଯେଉଁ ଖିଲାଫତ୍ ବ୍ୟବସ୍ଥା ପ୍ରଚଳନ ରହିଛି ତାହା ଏଭଳି ଏକ ବ୍ୟବସ୍ଥା ଯେ, ତହିଁରୁ ସଂସାର ଉଚିତ୍ ଶିକ୍ଷା ପ୍ରାପ୍ତ କରିପାରିବ ।

ପ୍ରଫେସର ସାହେବ କୁହନ୍ତି, ମୁଁ ଆଉ ଗୋଟିଏ କଥା ଅବଲୋକନ କଲି ଯେ, ଅହେମଦିମାନେ ଈଶ୍ୱର ଏବଂ ନିଜର ଇମାମ୍ (ଧର୍ମାଧ୍ୟକ୍ଷ)ଙ୍କ ସହିତ ଅସାଧାରଣ ବିଶ୍ୱସ୍ତତାର ସଂପର୍କ ରଖିଛନ୍ତି । ସମସ୍ତେ ଏକତ୍ରିତ ହୋଇଛନ୍ତି, ସମସ୍ତେ ପରସ୍ପର ସହିତ ଏକ ଅସ୍ତିତ୍ୱ ପରି ଇମାମ୍ଙ୍କ ଉପରେ ଅଧିକ ବିଶ୍ୱାସ ତଥା ଆସ୍ଥାନ ପ୍ରକଟ କରନ୍ତି । କାରଣ ସେହି ଇମାମ୍ ସେମାନଙ୍କୁ ସତ୍‌ପଥ ଦେଖାଇବେ । ବର୍ତ୍ତମାନ ମୁଁ ଉକ୍ତ ଜଲ୍‌ସାକୁ ଦେଖି ଏହି ଇଚ୍ଛା ପ୍ରକାଶ କରୁଛି ଯେ, ଅଲ୍ଲାଃତାଲା ମୋତେ ଯଦି ସାମର୍ଥ୍ୟ ପ୍ରଦାନ କରନ୍ତି ତେବେ ମୁଁ ପ୍ରତ୍ୟେକ ବର୍ଷ ଜଲସାରେ ଅବଶ୍ୟ ସାମିଲ୍ ହେବି। କାରଣ ଏଠାରେ ତିନି ଦିନରେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ଏବଂ ମାନବତା ସଂକ୍ରାନ୍ତରେ କଥା ହୋଇଥାଏ । ଅତଃ ଏହା ଆବଶ୍ୟକ ଯେ, ମୁଁ ମଧ୍ୟ ସେହି କଥା ଶିଖିବି ।

ପୁନଶ୍ଚ ଆମେରିକାର ଜଣେ ଜଣାଶୁଣା ବରିଷ୍ଠ ଅଧ୍ୟାପକ ଡକ୍ଟର ବ୍ରେଟ୍ ଶାର୍ଫସ୍ (Brett Scharffs) ଜଲାସରେ ସାମିଲ ହୋଇଥିଲେ । ସେ ଏଠାକୁ ଆସି ଏତେ ବିଶାଳ ସଂଖ୍ୟକ ସଭାକୁ ଦେଖି କହିଲେ, ମୁଁ ଅତ୍ୟନ୍ତ ଅନନ୍ଦିତ ହେଲି । ସେ ଲୋକମାନଙ୍କ ମଧ୍ୟରେ ଥିବା ପରସ୍ପର ସହଯୋଗୀତା ସଂପର୍କରେ ବିଶେଷ ଚର୍ଚ୍ଚା କରି କହୁନ୍ତି: ମୁଁ ପୃଥିବୀ ବ୍ୟାପୀ ଏପରି ଅନେକ ଉତ୍ସବ ତଥା ସମ୍ମିଳନୀର ସ୍ୱୟଂ ଆୟୋଜନ ମଧ୍ୟ କରିଛି ଯେଉଁଠି ରେଜିଷ୍ଟ୍ରେସନର କାର୍ଯ୍ୟକ୍ରମ ହୋଇଥାଏ। କିନ୍ତୁ ଜଲ୍‌ସା ସାଲାନା ଅବସରରେ ଯେଉଁ ସଂହତି ଏବଂ ଶୃଙ୍ଖଳିତ ଉପାୟରେ ରିଜିଷ୍ଟ୍ରେସନର ପ୍ରସଙ୍ଗକୁ କେଇ ମିନିଟ୍ ଲାଗୁଥିଲା ଏବଂ ପ୍ରତ୍ୟେକ ବସ୍ତୁ ପ୍ରସ୍ତୁତ ହୋଇ ମୋତେ ପ୍ରଦାନ କରିଦିଆଗଲା । ମୋତେ କୁହାଗଲା କି ଆଗତ ଅତିଥିଙ୍କର ରେଜିଷ୍ଟ୍ରେସନ ଏବଂ ଅନ୍ୟାନ୍ୟ ଜରୁରୀ ସେବାଗୁଡ଼ିକ ବହୁ ପୂର୍ବେ ହୋଇଯାଇଥାଏ। କାରଣ ଅତିଥିମାନଙ୍କୁ ଅନ୍ତତଃ ଅପେକ୍ଷା କରିବାକୁ ନପଡୁ । ରେଜିଷ୍ଟ୍ରେସନର କର୍ମଚାରୀମାନେ ମଧ୍ୟ **ମାଶାଅଲ୍ଲାଃ** ବେଶ୍ ଭଲ କାର୍ଯ୍ୟ କରୁଛନ୍ତି । ଅତିଥି ସତ୍କାରର ପ୍ରକ୍ରିୟା ବେଶ୍ ଭଲ ଥିଲା । ଏତେ ଟ୍ରାଫିକ୍ ହେବା ସତ୍ତ୍ୱେ ଭଲେଣ୍ଟିଆର୍ (ସ୍ୱେଚ୍ଛାସେବୀ)ମାନେ ଯେଭଳି ମନଯୋଗପୂର୍ବକ ସହଯୋଗ କରି କାର୍ଯ୍ୟ କରୁଥିଲେ ତାହା ଅବିସ୍ମରଣୀୟ ଅଭିଜ୍ଞତା ଅଟେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଯେଉଁ ଯେଉଁଠି ଯେଉଁ କର୍ମୀମାନଙ୍କ ସହିତ ଭେଟ ହେଲା ପ୍ରତ୍ୟେକ କର୍ମୀଙ୍କର ସେ ପ୍ରଶଂସା କରିଥିଲେ ।

ବେଲିଜ୍ (Belize) ସହରର ମେୟର ଆସିଥିଲେ । ସେ କୁହନ୍ତି, ମୁଁ ନିଜ ଜୀବନରେ କେବେ ବି ଏତେ ଶାନ୍ତିପୂର୍ଣ୍ଣ ଲୋକମାନଙ୍କୁ ଦେଖି ନାହିଁ । ଏହି ଲୋକମାନଙ୍କର ଏତେ ଭଲ ପାଇବା, ସ୍ନେହ, ଶ୍ରଦ୍ଧାକୁ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି । ମୁଁ ବିଶ୍ୱାସ କରିପାରୁ ନାହିଁ ଯେ, କିଛି ଲୋକମାନେ ଇସ୍‌ଲାମ୍ ଧର୍ମକୁ ଆତଙ୍କବାଦ ସହିତ ତୁଳନା କରୁଛନ୍ତି । ଏଠାରେ ମୁଁ ଯେଉଁ ଆଧ୍ୟାତ୍ମିକ ପରିବେଶ ଦେଖିଛି ଏବଂ ଲୋକମାନଙ୍କୁ ପରସ୍ପର ସହିତ ପ୍ରେମ କରୁଥିବାର ଏବଂ ପରସ୍ପର ପ୍ରତି ଉତ୍ତମ ବ୍ୟବହାର କରୁଥିବାରେ ଦେଖିଲି ତାହା ପ୍ରଶଂସନୀୟ ଅଟେ । ମୁଁ ଏହି ଇଚ୍ଛା ପ୍ରକାଶ କରୁଛି ଯେ, ମୁଁ ଆସନ୍ତା ବର୍ଷ ମଧ୍ୟ ପୁନଃ ଜଲ୍‌ସାକୁ ଆସିବି ଏବଂ ଜଣେ ମେୟର ହିସାବରେ ଆସିବି ନାହିଁ ବରଂ ଏକ ସ୍ୱେଚ୍ଛାସେବୀ ହିସାବରେ ଆସିବି । ସ୍ୱେଚ୍ଛାସେବୀମାନେ ମୋତେ ଏତେ ଅନୁପ୍ରାଣିତ ଏବଂ ଉତ୍ସାହିତ କରିଛନ୍ତି ଯେ, ମୁଁ ମଧ୍ୟ ଏହିପରି ଭବ୍ୟ ଜଲ୍‌ସାର ବ୍ୟବସ୍ଥାର ଏକ ଅଂଶବିଶେଷ ହେବାକୁ ଇଚ୍ଛା ପ୍ରକାଶ କରୁଛି । ଏହିପରି ମହାନ ଜଲ୍‌ସା ମୁଁ କେବେ ଦେଖି ନାହିଁ । ନିଃସନ୍ଦେହ ରୂପେ ଏହି ସଂସାରର ଭବିଷ୍ୟ ଅହେମଦିୟତ୍ ଅଟେ । ସୁତରାଂ ହୁଜୁର ଅନ୍‌ୱର୍ ଅ.ବ କହିଲେ ଅହେମଦିୟତ୍ ଯେଉଁ ପ୍ରକୃତ ଇସ୍‌ଲାମ୍ ଉପସ୍ଥାପିତ କରୁଛି ତହିଁରୁ ଅଣଧର୍ମାବଲମ୍ବୀମାନେ ମଧ୍ୟ ପ୍ରଭାବିତ ହୁଅନ୍ତି ।

ମାଇକେଲ୍ ୱିଲ୍‌ସନ୍ ନାମକ ଘାନାର ଜଣେ ବ୍ୟକ୍ତି ଅଟନ୍ତି ସେ ଏକ ଅନୁଷ୍ଠାନର ଯାହାର ନାମ ହେଲା, ବିଜ୍ଞାନ, କଳା, ଗବେଷଣା ଯାହାକି ଏକ ପରିବେଶ ସମ୍ବନ୍ଧୀୟ ବିଜ୍ଞାନ ତଥା ପ୍ରଯୁକ୍ତି ବିଦ୍ୟାର ମନ୍ତ୍ରାଳୟ ଅଧୀନ ଅଟେ ତାହାର ମୁଖ୍ୟ ଟେକ୍ନୋଲୋଜିଷ୍ଟ ଭାବରେ କାର୍ଯ୍ୟ ନିର୍ବାହ କରନ୍ତି । ସେ ବିଭିନ୍ନ ଦେଶର ସମ୍ମିଳନୀରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଛନ୍ତି । ସେ ଜଲ୍‌ସାରେ ସାମିଲ୍ ହେଲେ । ଜଲ୍‌ସା ପୂର୍ବରୁ କଥାବାର୍ତ୍ତା ସମୟରେ ସେ ବ୍ୟବସ୍ଥାକୁ ଦେଖି କହିଲେ, ମୁଁ ଯାହା କିଛି ଅବଲୋକନ କୁରଅଛି, ବର୍ତ୍ତମାନ ସୁଦ୍ଧା ମୁଁ ଯାହା ଅବଲୋକନ କଲି ଏହା ଅଲ୍ଲାଃତାଲାଙ୍କ କୃପା ବ୍ୟତୀତ କେବେ ବି ସମ୍ଭବପର ହୋଇ ପାରିବ ନାହିଁ । ସେ ଯେତେବେଳେ ଜୁମା ଦିନ ଜଲ୍‌ସାଗାହ୍ ପହଞ୍ଚିଲେ ସେତେବେଳେ ବାରମ୍ବାର ଏହା କହୁଥିଲେ ଯେ, ଏଠାରେ ସମସ୍ତ ସ୍ୱେଚ୍ଛାସେବୀମାନଙ୍କର Commitment ମୋତେ ଆଶ୍ଚର୍ଯ୍ୟଚକିତ କରି ରଖି ଦେଇଛି । ପ୍ରକୃତ ଅର୍ଥରେ ଉକ୍ତ ଜମାଅତ୍ ହେଉଛି ଏକ ଐଶୀ ଜମାଅତ୍ ଏବଂ ଏହି ସମସ୍ତ କାର୍ଯ୍ୟ ଅଲ୍ଲାଃତାଲାଙ୍କ କୃପା ବ୍ୟତୀରେକ କଦାପି ସମ୍ଭବପର ହୋଇପାରିବ ନାହିଁ ।

ଏଠାରେ ଅନେକ ଶୃଙ୍ଖଳିତ ଏବଂ ଅତ୍ୟନ୍ତ ସୁନ୍ଦର ପରିବେଶ ରହିଛି । ସମସ୍ତ ସ୍ୱେଚ୍ଛାସେବୀମାନେ ଶିକ୍ଷିତ ଅଟନ୍ତି । ସେହି ସ୍ୱେଚ୍ଛାସେବୀ କର୍ମୀମାନଙ୍କ ମଧ୍ୟରୁ କେତେକ ସ୍ୱେଚ୍ଛାସେବୀ କନ୍‌ସଲଟାଣ୍ଟ୍ ମଧ୍ୟ ଅଟନ୍ତି । କିନ୍ତୁ ଜଲ୍‌ସା ଅବସରରେ ସେମାନେ ବଢେଇ ଏବଂ ସଫେଇ କାର୍ଯ୍ୟ କରୁଥିଲେ । ଯଦି ସେହି ସ୍ୱେଚ୍ଛାସେବୀମାନଙ୍କ ହୃଦୟରେ ଈଶ୍ୱରଙ୍କ ଭୟ ନଥାଆନ୍ତା ତେବେ ସେମାନେ ଏପରି ଉନ୍ନତମାନର କାର୍ଯ୍ୟ କରୁ ନଥାଆନ୍ତେ । ସୌଭାଗ୍ୟଶାଳୀ ହେଉଛନ୍ତି ସେହି କର୍ମୀମାନେ ଯେଉଁମାନେ ଏହିପରି ଭାବରେ ନୀରବତାର ସହିତ ପ୍ରଚାର ବା ତବ୍‌ଲିଗ୍ କରୁଛନ୍ତି ।

ପୁନଶ୍ଚ ବ୍ରେଟ୍ ଶାର୍ଫସ୍ ଆଲମି ବୈଅତରୁ (ଆନ୍ତର୍ଜାତିକ ଦୀକ୍ଷା ଗ୍ରହଣ ସମାରୋହ) ସେ ବେଶ୍ ପ୍ରଭାବିତ ହେଲେ । ସେ କୁହନ୍ତି, ମୁଁ ଜଲ୍‌ସା ପୂର୍ବରୁ ଜାଣି ନଥିଲି ଯେ, ଅହେମଦିୟତ୍ କ'ଣ ? କିନ୍ତୁ ବର୍ତ୍ତମାନ ମୁଁ ଜାଣି ନେଇଛି ଏବଂ ମୋତେ ଏହା ଲାଗୁଛି ଯେ, ମୁଁ ବର୍ତ୍ତମାନ ପ୍ରତ୍ୟେକ ବର୍ଷ ଜଲ୍‌ସାକୁ ଆସିବି । ପୁନଶ୍ଚ ସେ ଉଲ୍ଲେଖ କରନ୍ତି ଯେ, ଘାନା ଜମାଅତ୍‌କୁ ଧ୍ୟାନ ଦେବା ଉଚିତ୍ ଯେ, ଘାନାରେ ଜମାଅତ୍‌କୁ ଅତିରିକ୍ତ ପରିଚୟ କରାଇବା ଉଚିତ୍ । ଏ ଦିଗରେ ମଧ୍ୟ ଅନେକ ତ୍ରୁଟି ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ: ପୁନଶ୍ଚ ହେଟୀ (Haiti)ରୁ ମିଷ୍ଟର ୟୁ.ଏଲ୍ ଟ୍ୟୁରିନ୍ (Joel Turenne) ନାମକ ବ୍ୟକ୍ତି ଅଟନ୍ତି । ମହୋଦୟ ହେଟୀର ଧାର୍ମିକ ବିଭାଗର ପ୍ରିତିନିଧି ଥିଲେ ଏବଂ ଜଲ୍‌ସା ସାଲାନା ୟୁ.କେ ଅବସରରେ ସେ ଅଂଶ ଗ୍ରହଣ କରିଥିଲେ । ସେ କୁହନ୍ତି, ମୁଁ ପ୍ରଥମ ଥର କରି ଜଲ୍‌ସାରେ ସାମିଲ୍ ହେଲି । ମୋ ପାଇଁ ଏହି ଅନୁଭୂତି ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଆନନ୍ଦଦାୟକ ଥିଲା। ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ଉତ୍ତମ ଥିଲା । 40 ହଜାର ବ୍ୟକ୍ତିଙ୍କ ସମାଗମ ସତ୍ତ୍ୱେ କୌଣସି ପ୍ରକାରର ଅବ୍ୟବସ୍ଥା, ବିଶୃଙ୍ଖଳା ଦୃଶ୍ୟମାନ ହେଲା ନାହିଁ । ପ୍ରତ୍ୟେକ ବ୍ୟକ୍ତି ପରସ୍ପରର ବିଶ୍ରାମ ପ୍ରତି ଯତ୍ନବାନ ଥିଲା । ଉକ୍ତ କଥା ମୁଁ ଅନ୍ୟ କୌଣସି ଧର୍ମରେ, ସାଂସାରିକ ସମାଗମରେ ଦେଖିବାକୁ ପାଇ ନାହିଁ । ଏହା ହିଁ ଜଲ୍‌ସାର ଏକମାତ୍ର ଅଭିପ୍ରାୟ ଯାହା ସଂପର୍କରେ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି ।

**(ଶାହାଦତୁଲ୍ କୁରଆନ୍, ରୁହାନୀ ଖଜାଏନ୍, ଭାଗ-6, ପୃ-395)**

ଟ୍ୟୁରିନ୍ ସାହେବ କୁହନ୍ତି: ବିଭିନ୍ନ ସଂସ୍କୃତି, ଜାତି ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ଏପରି ସାକ୍ଷାତ୍ କରୁଥିଲେ ଯେପରି ଗୋଟିଏ ବଂଶର ସମସ୍ତ ସଦସ୍ୟ ଅଟନ୍ତି । ଗୋଟିଏ ପ୍ରକାରର ଖାଦ୍ୟ ପ୍ରତିଦିନ ବିଭିନ୍ନ ଜାତିର ଲୋକମାନେ ଏପରି ଖାଉଥିଲେ ଯେପରି ଏହି ଖାଦ୍ୟ ସେମାନଙ୍କର ରୁଚିକର ଏବଂ ମନୋବାଞ୍ଛିତ (ଅର୍ଥାତ୍ ପ୍ରିୟ) ଖାଦ୍ୟ ଅଟେ । ଟ୍ୟୁରିନ୍ ସାହେବ କୁହନ୍ତି, ଏହି ଜିଜ୍ଞାସା ରହିଥିଲା ଯେ, ମୁଁ ଆଫ୍ରିକାରୁ ଆସିଥିବା ଅତିଥିଙ୍କ ମଧ୍ୟରୁ ଜଣେ ଆଫ୍ରିକୀୟ ଅତିଥିକୁ ପଚାରିଲି, କ'ଣ କାରଣ ରହିଛି ଯେ, ଯେକୌଣସି ପ୍ରସଙ୍ଗରେ କୌଣସି ଆପତ୍ତି କିମ୍ବା ସୁରକ୍ଷା ତୁମମାନଙ୍କର ନାହିଁ । ତେବେ ପ୍ରତ୍ୟୁତ୍ତରରେ ଆଫ୍ରିକୀୟ ବ୍ୟକ୍ତି ଜଣକ କହିଲା କି ଏଠାରେ ଜଲ୍‌ସାରେ ଆମେମାନେ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ଏବଂ ଉପସ୍ଥିତ ଖଲିଫାଙ୍କୁ ଦେଖିବା ଓ ଶୁଣିବା ନିମନ୍ତେ ଆସିଥାଉ । ଅତଏବ୍ ଅନ୍ୟ ସାଂସାରିକ ବସ୍ତୁ ଆମ ନିମନ୍ତେ ମୂଲ୍ୟହୀନ ଅଟେ । ତାହା ନିଷ୍ପ୍ରୟୋଜନୀୟ ଅଟେ । ମୋତେ ଏହି କଥା ବହୁତ ପ୍ରଭାବିତ କଲା ।

ପୁନଶ୍ଚ ଟ୍ୟୁରିନ୍ ସାହେବ ଜମାଅତ୍‌ର ପ୍ରଶଂସା କରିଛନ୍ତି । ବିରୋଧୀମାନେ ଜମାଅତ୍ ଅହେମଦିୟାର ବିରୋଧ କରିବା ସତ୍ତ୍ୱେ ଜମାଅତ୍ ଅହେମଦିୟା ପୃଥିବୀରେ ଶାନ୍ତି ପ୍ରସାରିତ କରିବା ନିମନ୍ତେ ଉଦ୍ୟମରତ ଅଟେ । ଅହେମଦିମାନଙ୍କ ମଧ୍ୟରେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 2 MAY 2024 Issue No.-18

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କୌଣସି ପ୍ରକାରର ଅନନ୍ୟ ବ୍ୟବହାର ନାହିଁ । ଅର୍ଥାତ୍ ସମସ୍ତେ ସମାନ ଅଟନ୍ତି । ମୁଁ ଏହି ପ୍ରସଙ୍ଗ ପ୍ରଥମ ଥର ଦେଖିଲି । ସମସ୍ତ ବୟସ, ଶ୍ରେଣୀର ଲୋକମାନେ, ସ୍ୱେଚ୍ଛାକୃତ ରୂପେ ବିଭିନ୍ନ ସେବା ସମ୍ପାଦନ କରୁଥିଲେ । ଟ୍ରାଫିକ୍ କଣ୍ଟ୍ରୋଲ୍, ପାର୍କିଂ, କ୍ୟାଟରିଂ, ୱାଟର୍ ସପ୍ଲାଇ (ଜଳ ଯୋଗାଣ), ଶୃଙ୍ଖଳା ରକ୍ଷା ଇତ୍ୟାଦି ଅନ୍ୟତମ ଅଟନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ସେବାର ଉତ୍ସାହ ଦ୍ୱାର ପରିପୂର୍ଣ୍ଣ ଥିଲା । ସେ କୁହନ୍ତି, ମୁଁ ଅହେମଦିମାନଙ୍କ ମଧ୍ୟରେ ଅସଂଖ୍ୟ ଗୁଣାବଳୀ ଦେଖିଅଛି ଯାହା ଆଜି ପର୍ଯ୍ୟନ୍ତ ମୋତେ ଅନ୍ୟ କେଉଁଠି ଦେଖିବାକୁ ମିଳି ନାହିଁ । ମୁଁ ଅନେକ ଧାର୍ମିକ ପ୍ରବକ୍ତାମାନଙ୍କର ଭାଷଣ ଶୁଣିଛି ଏବଂ ଦେଖିଛି । ପ୍ରତ୍ୟେକ ବ୍ୟକ୍ତି ନିଜ ସଂପର୍କରେ କହୁଛି ଯେ, ମୋ କଥା ଟିକେ ଶୁଣିନିଅ । କିନ୍ତୁ ଖଲିଫତୁଲ୍ ମସିହ୍ ତ' ଅଲ୍ଲାଃତାଲା ଏବଂ ମୁହମ୍ମଦ ସ.ଅ ଓ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କଥା ଶୁଣାଉଥିଲେ ଏବଂ କହିଲେ, ଏହାକୁ ଶୁଣନ୍ତୁ ଏବଂ ଏହା ଉପରେ କାର୍ଯ୍ୟାନୁସରଣ କରନ୍ତୁ ।

ଟ୍ୟୁରିନ୍ ସାହେବ କୁହନ୍ତି ଯେ, ଉକ୍ତ କଥା ମୋ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟକର କଥା ଥିଲା । ଏହି ଲୋକମାନେ ତିନି ଦିନି ଧରି ଜଲ୍‌ସା ଗାହ୍ ଠାରେ ବସି କେବଳ ଭାଷଣ ଶୁଣିଥିଲେ ତାହା ନୁହେଁ ବରଂ ଅନେକ ଅହେମଦିମାନଙ୍କ ଠାରୁ ଅଧିକ ମୁଁ ଗମ୍ଭୀର ହୋଇ ଶୁଣିଲି ଏବଂ ବିଭିନ୍ନ ଭାଷଣରୁ ଟୀକା ଟିପ୍ପଣୀ ସଂଗ୍ରହ କଲି । ସେ କୁହନ୍ତି, ମୁଁ ନିଜର ଏକ ଡାଏରୀ ପ୍ରସ୍ତୁତ କରିଥିଲି । ସେ କୁହନ୍ତି ମୁଁ ଯେଉଁଠି ବୁଝିପାରୁ ନଥିଲି ସେଠାରେ ପାଖରେ ବସିଥିବା ବ୍ୟକ୍ତିକୁ ପଚାରୁଥିଲି ଯେ, ଏହାର କ'ଣ ଅର୍ଥ ରହିଛି ? ନିଃସନ୍ଦେହ ରୂପେ ମୁଁ ଅହେମଦି ନୁହେଁ କିନ୍ତୁ ଉକ୍ତ ଜଲ୍‌ସାରେ ସାମିଲ୍ ହେବା ପରେ ବର୍ତ୍ତମାନ ମୁଁ ଜମାଅତ୍ ଅହେମଦିୟାର ଓକିଲ୍ ଅଟେ ଏବଂ ଯେଉଁଠି ବି ମୁସଲମାନମାନଙ୍କର ଚର୍ଚ୍ଚା ହେବ ସେମାନଙ୍କୁ କହିବି ଯେ, ପ୍ରକୃତ ଏବଂ କାର୍ଯ୍ୟାନୁସରଣାତ୍ମକ ଏବଂ ବ୍ୟବହାରିକ ମୁସଲମାନ ଅହେମଦିମାନେ ଅଟନ୍ତି । ମୁଁ ଆପଣମାନଙ୍କ ପ୍ରତିରକ୍ଷା କରିବି ।

ସେହିପରି ଲୁକମାନ ହକିମ୍ ସୈଫୁଦ୍ଦୀନ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ ଇଣ୍ଡୋନେସିଆର ପୂର୍ବତନ ଧର୍ମ ମନ୍ତ୍ରୀ ଅଟନ୍ତି । ଲୁକମାନ ସାହେବ କୁହନ୍ତି ଯେ, ଜଲ୍‌ସାରେ ସାମିଲ୍ ହୋଇ ମୁଁ ନିଜକୁ ଗର୍ବିତ ବୋଲି ମନେ କରୁଛି ଏବଂ ଆପଣଙ୍କର ସ୍ଳୋଗାନ୍ **"ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ"** କୁ ମୁଁ ଲଣ୍ଡନ ଏୟାରପୋର୍ଟ (ବିମାନ ବନ୍ଦର)ରୁ ଦେଖିବା ଆରମ୍ଭ କଲି ଏବଂ ଜଲ୍‌ସା ଗାହ୍ ପ୍ରଯ୍ୟନ୍ତ ଓ ଜଲ୍‌ସାର ଦିନମାନଙ୍କରେ ଏହି ସ୍ଳୋଗାନ ଦେଖୁଥିଲି । ପ୍ରତ୍ୟେକ ସ୍ଥାନରେ ସର୍ବୋଚ୍ଚ ଅତିଥି ସତ୍କାରକତା ପ୍ରଦର୍ଶିତ ହେଉଥିବା ଅବଲୋକନ କଲି । ଭ୍ରାତୃତ୍ୱତାର ଅତ୍ୟନ୍ତ ସୁଦୃଢ ସଂପର୍କ ଦେଖିଲି । ପ୍ରତ୍ୟେକ ପ୍ରକାରର ସାକ୍ଷାତ୍ କରିବା, ସ୍ମିତହାସ୍ୟତା ଖେଳାଇବା, ଶୁଭେଚ୍ଛା ଜଣାଇବା, ଦୁଆ ବାଣ୍ଟିବାର ଦୃଶ୍ୟ ଦେଖୁଥିଲି ।

ଗ୍ୟାମ୍ବିୟାରୁ ଜଲ୍‌ସା ସାମିଲ୍ ହୋଇଥିବା ମିନିଷ୍ଟ୍ରି ଅଫ୍ ଇନ୍‌ଫର୍ମେଶନ ଲ ମେନ ଏସ. ଆଇ ଜାମେ ସାହେବ କୁହନ୍ତି: ଜଲ୍‌ସା ସାଲାନା 2023 ମସିହାର ସମସ୍ତ ବ୍ୟବସ୍ଥା ଦ୍ୱାରା ଯଥେଷ୍ଟ ରୂପେ ପ୍ରଭାବିତ ହେଲି । ଏହାଠୁ ବି ଅଧିକ ଆଶ୍ଚର୍ଯ୍ୟକର କର୍ମୀମାନେ ହେଉଛନ୍ତି ସେହି କର୍ମୀମାନେ ଯେଉଁମାନେ ନିଃସ୍ୱାର୍ଥପର ହୋଇ ନିଜ ଡିଉଟି ସମ୍ପାଦନ କରୁଥିଲେ ଏବଂ ଶୃଙ୍ଖଳା ରକ୍ଷାକୁ ବଜାୟ ରଖିଥିଲେ । ଏତେ ବିଶାଳ ଜନ ସମାଗମରେ ଅନ୍ୟ କୌଣସି ଘଟଣା ନଜରକୁ ଆସି ନାହିଁ । ମୁଁ ଆଉ ଗୋଟିଏ କଥା ଅବଲୋକନ କଲି ତାହା ହେଲା ଜମାଅତର ସଦସ୍ୟବୃନ୍ଦଙ୍କର ଖଲିଫାଙ୍କ ପ୍ରତି ଥିବା ପ୍ରେମର ସଂପର୍କ । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.....)**

## ପୃ-2ର ଅବଶିଷ୍ଟାଂଶ........

ଅହେମଦ ସାହେବ କୁହନ୍ତି: 2013 ମସିହାରେ ୱକ୍‌ଫେ ଜଦିଦ୍‌ରେ ଶୋବା ମାଲ୍ (ଅର୍ଥ ବିଭାଗରେ) ନିଯୁକ୍ତ ହେଲେ ସେତେବେଳଏ ଅବ୍‌ଦୁଲ୍ ହମିଦ୍ ଖାନ୍ ସାହେବ ମୌଳିକ ରୂପେ 2ଟି ଉପଦେଶ ଦେଲେ ଏବଂ କହିଲେ ଏହି ଦୁଇଟିକୁ ନିଜ ଖାତାରେ ଲେଖିନିଅ 1- ସମସ୍ତ କଲ୍ୟାଣର ନିର୍ଝର ଖିଲାଫତ୍ ଅଟେ । ପ୍ରତ୍ୟେକ ପରିସ୍ଥିତିରେ ଖିଲାଫତ୍ ସହିତ ବିଶ୍ୱସ୍ତତା ପ୍ରଦର୍ଶନ କରିବା ଉଚିତ୍ । 2- କାର୍ଯ୍ୟରେ ଯଦି ଅବହେଳା ହୋଇଯାଏ ତେବେ ତାହା ଅଣଦେଖା ଦ୍ୱାରା ହୋଇଯାଇଥାଏ । କିନ୍ତୁ ଭୁଲ୍ ବିବୃତ୍ତି ଏବଂ ମିଥ୍ୟା ପାଇଁ କୌଣସି କ୍ଷମା ନାହିଁ । ଅର୍ଥାତ୍ କେବେ ବି ତୁମେ ଭ୍ରାନ୍ତ ବିବୃତ୍ତି ଏବଂ ମିଥ୍ୟା କଥା କହିବ ନାହିଁ । ଏହି 2ଟି ନୀତିକୁ ବୁଦ୍ଧିଗୋଚର କରି ରଖିନିଅ । ଏହା ଅତ୍ୟନ୍ତ ବିଶେଷ କଥା ଅଟେ । ପ୍ରତ୍ୟେକ ବ୍ୟକ୍ତିର ଏହି କଥା ଉପରେ ବିଶ୍ୱାସ ରହିଛି ଯେ, ଅଲ୍ଲାଃତାଲାଙ୍କ ଠାରୁ ସର୍ବଦା ସାହାଯ୍ୟ ଲୋଡୁଥିବା ଉଚିତ୍ ଏବଂ ଦୁଆ କରୁଥିବା ଉଚିତ୍ । ସେ ଯାହା ହେଉ ନା କାହିଁକି ଗସ୍ତ ସମୟରେ ମୁଁ ସ୍ୱର୍ଗତ ହମିଦ୍ ସାହେବଙ୍କ ସହିତ ରହିଥିଲି । ସେ ମୋତେ ବରାମ୍ବାର ଏହି ତାଗିଦ୍ କରୁଥିଲେ ଏବଂ ଆହ୍ୱାନ ଦେଉଥିଲେ ଯେ, ଅମକ ବ୍ୟକ୍ତିକୁ ୱକ୍‌ଫେ ଜଦିଦ୍‌ର ବିଶେଷତ୍ୱ ଏବଂ ଆବଶ୍ୟକତା ପ୍ରତି ଅବଗତ କରିବା ଉଚିତ୍ । କାରଣ ଏହା ଦ୍ୱାରା ବିଳିଦାନରେ କୌଣସି ଉଦାସୀନତା ଯେପରି ନରହୁ । ଲୋକମାନଙ୍କ ଠାରୁ କେବଳ ପଇସା ମାଗିବା ଉଚିତ୍ ନୁହଁ । ବରଂ ଚାନ୍ଦା ଦେବାର ମହତ୍ତ୍ୱ ବ୍ୟକ୍ତି ହୃଦୟରେ ସୃଷ୍ଟି କରିବା ଉଚିତ୍ । ଜମାଅତ୍ ପ୍ରତି ବ୍ୟଥା ଏବଂ ବେଦନା ବ୍ୟକ୍ତି ମଧ୍ୟରେ ସୃଷ୍ଟି କରିବା ଉଚିତ୍ । ପୁନଶ୍ଚ ସେହି ବ୍ୟକ୍ତିର ସାମର୍ଥ୍ୟତା ଅନୁଯାୟୀ ତା' ଠାରୁ ଚାନ୍ଦା ମାଗିବା ଉଚିତ୍ । ପୁନଶ୍ଚ ଲଜ୍ଜା ଅନୁଭବ କରିବାର କୌଣସି ଆବଶ୍ୟକତା ନାହିଁ । କାରଣ ଆମମାନଙ୍କର ଏହି କାର୍ଯ୍ୟ ରହିଛି ଯେ, ଆମେମାନେ ସିଲ୍‌ସିଲା (ଜମାଅତ୍)ର ସେବା କରିବୁ ଏବଂ ସିଲ୍‌ସିଲା ପାଇଁ ସାହାଯ୍ୟ (ପାଣ୍ଠି) ସଂଗ୍ରହ କରିବା । ସ୍ୱର୍ଗତ ହମିଦ୍ ସାହେବ ଜମାଅତୀୟ ସମ୍ପତ୍ତିର ବହୁତ ଯତ୍ନ ରଖୁଥିଲେ । ସ୍ୱର୍ଗତ ହମିଦ୍ ସାହେବ ଆମମାନଙ୍କୁ ତାଗିଦ୍ କରି କହୁଥିଲେ ଚାନ୍ଦା ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ବଳିଦାନ ଦ୍ୱାରା ଏକତ୍ରିତ ହୋଇଥାଏ । ସେହି ଚାନ୍ଦାକୁ ବ୍ୟୟ କରିବାରେ ଆମେମାନେ ଯେପରି ଅପଚୟ ଏବଂ ଦୁରୁପଯୋଗ ନକରୁ ସେଥିପ୍ରତି ବିଶେଷ ଯତ୍ନବାନ୍ ହେବା ଉଚିତ୍ । ଯାହା ଆବଶ୍ୟକତା ରହିଛି ତାହା ନିଅନ୍ତୁ । କିନ୍ତୁ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ । ସ୍ୱର୍ଗତ ହମିଦ୍ ସାହେବ ନିଜର ପୁତ୍ରକୁ କହିଥିଲେ, ପୁତ୍ର ! ଯେପର୍ଯ୍ୟନ୍ତ ତୁମେ ଜମାଅତ୍‌ର ବିଶ୍ୱସ୍ତ ସେପର୍ଯ୍ୟନ୍ତ ତୁମେ ମୋର ପୁତ୍ର ଅଟ । ମୋର ତୁମ ଠାରୁ ଅନ୍ୟ କିଛି ମାଗିବାର ନାହିଁ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ପୁଣ୍ୟାବଳୀଙ୍କୁ ସନ୍ତାନମାନଙ୍କ ମଧ୍ୟରେ ଅବ୍ୟାହତ ରଖନ୍ତୁ । **ଆମିନ୍** ।

ପରବର୍ତ୍ତୀ ଯନାଜାଃ ହେଉଛି ନୁସ୍ରତ୍ ଯାହାଁ ସାହେବଙ୍କର । ସ୍ୱର୍ଗତା ଆମେରିକାର ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ମୁବଶ୍ଶିର ଅହେମଦ୍ ସାହେବଙ୍କର ପତ୍ନି ଥିଲେ । ବିଗତ ଦିନ ସ୍ୱର୍ଗତାଙ୍କର ବିୟୋଗ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତା ନୁସ୍ରତ୍ ସାହେବା ନିଜର ସ୍ୱାମୀ ଓ ତିନିଜିଣ ସନ୍ତାନଙ୍କ ସମେତ 1972 ମସିହାରେ ଆମେରିକାକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ୱାଶିଂଗଟନ୍‌ରେ ବସତି ସ୍ଥାପନ କଲେ । ୧୨୮୪ ମସିହାରେ ଆମେରିକାର ତାଙ୍କର ସ୍ୱାମୀଙ୍କୁ ୱକ୍‌ଫେ ଜିନ୍ଦିଗୀ କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ସ୍ୱର୍ଗତା ନିଜର ସମଗ୍ର ବୟସ ଅତ୍ୟନ୍ତ ସରଳ ଏବଂ କୃତଜ୍ଞତା ଜ୍ଞାପନର ସହିତ କାଳାତିପାତ କରିଥିଲେ । ସ୍ୱର୍ଗତା ନୁସ୍ରତ ସାହେବାଙ୍କ ସ୍ୱାମୀ ଯେବେ ଠାରୁ ୱକ୍‌ଫ୍ କରିଛନ୍ତି ସେବେ ଠାରେ ସ୍ୱାମୀ ମୁବଲ୍ଲିଗର କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ନୁସ୍ରତ୍ ସାହେବା ଓସିୟତ୍ କରିଥିଲେ । ନିୟମିତ ଚାନ୍ଦା ଦେବାରେ ପ୍ରତିସ୍ୱର୍ଦ୍ଧିତ ହୋଇ ଅଂଶ ଗ୍ରହଣ କରୁଥିଲେ, ଖିଲାଫତ୍ ସହିତ ଅତ୍ୟନ୍ତ ପ୍ରେମ ତଥା ଆନ୍ତରୀକତାପୂର୍ଣ୍ଣ ସଂପର୍କ ଥିଲା । 1977 ମସିହାରୁ 2007 ମସିହା ପର୍ଯ୍ୟନ୍ତ ସ୍ୱର୍ଗତା ଲଜ୍‌ନା ଇମାଇଲ୍ଲାଃର ବିଭିନ୍ନ ପଦବୀରେ ଅଧିଷ୍ଠିତ ରହି ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଲୋକାଲ୍ (ସ୍ଥାନୀୟ) ନାଏବ୍ ସଦର, ଆଞ୍ଚଳିକ ସଦର୍ ଆଦି ଭାବରେ କାର୍ଯ୍ୟ କରିଥିଲେ । ଇସ୍‌ଲାମ୍ ଅହେମଦିୟତ୍ ପରିବ୍ୟାପ୍ତ କରିବା ନିମନ୍ତେ କଠିନ ପରିଶ୍ରମ ଏବଂ ଉଦ୍ୟମ ଦ୍ୱାରା ତବ୍‌ଲିଗି (ପ୍ରଚାରିକ) କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ ।

ଲଜ୍‌ନା ଏବଂ ନାସିରାତ୍‌ମାନଙ୍କର ଶିକ୍ଷା ଓ ସଂସ୍କାର ନିମନ୍ତେ ମଧ୍ୟ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ । ନିଜର ସନ୍ତାନମାନଙ୍କୁ ମଧ୍ୟ ଧାର୍ମିକ ଢଙ୍ଗରେ ଉତ୍ତମ ସଂସ୍କାର ପ୍ରଦାନ କରିଥିଲେ । ସେହିପରି ସାଂସାରିକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ଦୁଇ ଜଣ ପୁତ୍ର ଏବଂ ଦୁଇ ଜଣ କନ୍ୟା ସନ୍ତାନ ରହିଛନ୍ତି । ସ୍ୱର୍ଗତାଙ୍କ ଚାରି ପୁତ୍ର ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ସକ୍ରିୟ ସଦସ୍ୟ ଅଟନ୍ତି । ସେମାନେ ସମସ୍ତ ଧର୍ମସେବା କରିବାକୁ ସାମର୍ଥ୍ୟ ଲାଭ କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କ ଦୁଆର ଏବଂ ପୁଣ୍ୟାବଳୀର ଉତ୍ତରାଧିକାରୀ କରନ୍ତୁ । **ଆମିନ୍** ।

☆--☆--☆

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan